## ସଂକ୍ଷେପରେ

### ମାଲିକଙ୍କ ଲୁହା ପାଇପ୍ ମାଡ଼ରେ ଶ୍ରମିକ ଗୁରୁତର ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିକୁଦା,୨୭।୫(ସ୍ୱ.ପ୍ର.): ବାଲିକୁଦା ଥାନା ଅଞ୍ଚଳରେ ଜଣେ ଗ୍ୟାରେଜ ମାଲିକଙ୍କ ଆକ୍ରମଣରେ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ସେଖ୍ ଅକ୍ତର ଅଲ୍ଲୀ। ତାଙ୍କୁ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଅଭିଯୋଗରେ ଅଭିଯୁକ୍ତ ଗ୍ୟାରେଜ ମାଲିକ ସେଖ୍ ଜାହିରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ. ୨୪୭/୨୩ )ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ବାଲିକୁଦାରେ ଜାହିରଙ୍କ ଏକ ମୋଟର ସାଇକେଲ ଗ୍ୟାରେଜ ରହିଛି। ଅଲ୍ଲୀ ଜଣେ ଶ୍ରମିକଭାବେ କାର୍ଯ୍ୟ କରନ୍ତି। ଏନେଇ ଅଲ୍ଲୀଙ୍କୁ ଗ୍ୟାରେଜ ସଫା କରିବାକୁ ଜାହିର କହିଥିଲେ। ସଫା ପରେ ଅଲ୍ଲୀ ପ୍ରାପ୍ୟ ଟଙ୍କା ମାଗିଥିଲେ। ଭଲକରି ସଫା କଲାପରେ ଟଙ୍କା ଦିଆଯିବ ବୋଲି ଜାହିର କହିଥିଲେ। ପୁଣି ଥରେ ଝାଡୁ କରିବା ପରେ ମଧ୍ୟ ଅଲ୍ଲୀଙ୍କୁ ଜାହିର ଟଙ୍କା ଦେଇ ନ ଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଜାହିର ରାଗିଯାଇ ଗ୍ୟାରେଜରେ ଥିବା ଏକ ଲୁହା ପାଇପ୍‌ରେ ଅଲ୍ଲୀଙ୍କ ମୁଣ୍ଡକୁ ଏକ ପ୍ରହାର ଦେଇଥିଲେ। ଫଳରେ ଅଲ୍ଲୀ ଗୁରୁତର ହୋଇଛନ୍ତି।

### ପ୍ରଥମ ପାରିଷଦ ବୈଠକରେ ଶିକ୍ଷାଦାନକୁ ଗୁରୁତ୍ୱ
#### ସାରଳା ସଂସ୍କୃତ ମହାବିଦ୍ୟାଳୟ

ବାଲିକୁଦା,୨୭।୫(ସ୍ୱ.ପ୍ର.):ବାଲିକୁଦା ବ୍ଲକ ମୁଲୁଗାଁ ପଞ୍ଚାୟତ ଅନ୍ତର୍ଗତ କରମଙ୍ଗସ୍ଥିତ ସାରଳା ସଂସ୍କୃତ ମହାବିଦ୍ୟାଳୟର ପ୍ରଥମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ସଭାପତି ଶିକ୍ଷାବିତ କୈଳାସ ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ମହାବିଦ୍ୟାଳୟର ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ମୋ' କଲେଜ ଅଭିଯାନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହ କଲେଜରେ ଚଳିତ ବର୍ଷ ପାଳିତ ହେବାକୁ ଥିବା ରୌପ୍ୟ ଜୟନ୍ତୀ ସମାରୋହ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଯୁକ୍ତ ୨ ଉପଶାସ୍ତ୍ରୀ ପରୀକ୍ଷାରେ ୫୨୭ ନମ୍ବର ରଖି ୟୁନିଭରସିଟିରେ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ଥାନ ପାଇଥିବା ମହାବିଦ୍ୟାଳୟର ଛାତ୍ର ସୂର୍ଯ୍ୟନାରାୟଣ କରଙ୍କୁ ପରିଷଦ ପକ୍ଷରୁ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ କଲେଜ ଅଧକ୍ଷ ତଥା ପରିଷଦର ସମ୍ପାଦକ ଅଜୟ ମୁଦୁଲି, ସଦସ୍ୟ ତଥା ବରିଷ୍ଠ ଅଧ୍ୟାପକ ବାବୁଜୀ ଚରଣ ଭୋଳ, ଅଧ୍ୟାପିକା କାନନବାଳା ହରିଚନ୍ଦନ, ଶିକ୍ଷାକର୍ମୀ ପ୍ରକାଶ ସ୍ୱାଇଁ, ଲତାଦେବୀ ଦାସ, ବିଜୟଲକ୍ଷ୍ମୀ ମହାପାତ୍ର, ଧାରାରାଣୀ ମହାରଣା, ଅଭୟ ପରିଡ଼ା, ନିରୁପମା ରଥ ପ୍ରମୁଖ ଉପସ୍ଥିତ ରହି ମହାବିଦ୍ୟାଳୟର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକାଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପ୍ରତିଶ୍ରୁତିରେ ଅଟକିଛି ଗ୍ରାମ୍ୟ ଅର୍ଥନୈତିକ କରିଡର

ଜଗତ୍‌ସିଂହପୁର ଅଫିସ, ୨୭।୫

**ଶାରଳା ମନ୍ଦିର-ଲଙ୍କାପଡ଼ା ରାସ୍ତା**

■ ଦୁର୍ବିପାକ ପ୍ରତିରୋଧ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଅନୁମୋଦନ ଅପେକ୍ଷାରେ ରହିଛି

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଶାରଳା। ମା'ଙ୍କ ମନ୍ଦିର ନିକଟରୁ ଲଙ୍କାପଡ଼ା ଭାୟା ଶଙ୍ଖେଶ୍ୱର ଗ୍ରାମ୍ୟରାସ୍ତାକୁ ଅର୍ଥନୈତିକ କରିଡର ଭାବେ କାର୍ଯ୍ୟକାରୀ କରିବାକୁ ଅତୀତରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ସୁପାରିସ୍ କରି କରିଡର ନିର୍ମାଣ ହେବାର ଆବଶ୍ୟକତା ଉପରେ ସ୍ପଷ୍ଟ କରିଥିଲେ। ଏହି ଖବର ସେତେବେଳେ ସ୍ଥାନୀୟ ଲୋକଙ୍କ ମନରେ ଖୁସି ଭରି ଦେଇଥିଲା। କିନ୍ତୁ ଜିଲାପାଳଙ୍କ ଏହି ପ୍ରସ୍ତାବ ଫାଇଲ ତଳେ ଚାପିହୋଇ ରହିଛି। ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବ ଯାଇଥିଲେ ସୁଦ୍ଧା ସରକାରୀ ଭାବେ ତାହା ଅନୁମୋଦନ ଲାଭ କରିପାରିନାହିଁ।

ସେତେବେଳେ ତତ୍କାଳୀନ ଜିଲାପାଳ ମହାପାତ୍ର ଦର୍ଶାଇଥିଲେ, ଏହି ରାସ୍ତା ନିର୍ମାଣ ହେଲେ କନକପୁର ଦେଉଳୀ, କନକପୁର ଶାସନ, ତେନ୍ତୁଳିପଦା, ନାଉସିରା, ତିର୍ତ୍ତୋଲ, ତାର୍ତ୍ତୋଲ, ଧନୁଆ, ଓଳଗଦା, ପୋଷଲ, ବଡ଼ଜିଙ୍ଗଲ, ଗୋପାଳପୁର (ଏସ୍), ବିଜିପୁର, ହାୟତପୁର, ମିର୍ଜାପୁର, ସରଳପୁର, ଲଙ୍କାପଡ଼ା ଓ ଆଖପାଖ ଅଞ୍ଚଳର ଗ୍ରାମବାସୀ ଉପକୃତ ହୋଇପାରିବେ। ଏହି ରାସ୍ତା ଏନ୍‌ଏଚ୍-୫(ଏ)କୁ ସଂଯୋଗ କରିପାରିବ, ତେଣୁ ଯାତାୟାତ ଓ ମାଲ୍ ପରିବହନ ସହଜ ହେବ। ମହାନଦୀ ଓ ପାଇକା ଅବବାହିକା ଲୋକେ ସେମାନଙ୍କ ବଳକା ଉତ୍ପାଦିତ ସାମଗ୍ରୀ କମ୍ ପରିବହନ ଖର୍ଚ୍ଚରେ ଉଚିତ ମୂଲ୍ୟ ପାଇପାରିବେ। ଘରୋଇ କୃଷିଜାତ ଦ୍ରବ୍ୟ ଠିକ୍ ମୂଲ୍ୟରେ ବିକ୍ରୟ ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ। ଏହି ରାସ୍ତା ଦ୍ୱାରା ଉଦ୍ୟୋଗୀମାନେ କୃଷିଜାତ ଶିଳ୍ପ ପ୍ରତିଷ୍ଠା କରି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇପାରିବେ। ତିର୍ତ୍ତୋଲ ବ୍ଲକର ମହାନଦୀ ପଠାରେ ଏକ ରାଇସ୍ ମିଲ କାର୍ଯ୍ୟ କରୁଛି। ଏହି ରାସ୍ତାର ଉନ୍ନତୀକରଣ ଦ୍ୱାରା ଆଖପାଖ ଅଞ୍ଚଳରୁ ଧାନ ପରିବହନ ସୁବିଧା ସହ ଚାଉଳ ଅଧିକ ଉତ୍ପାଦନ ହୋଇପାରିବ। ଜିଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚାଉଳ ପରିବହନ ସୁବିଧାରେ ହୋଇପାରିବ। ପନିପରିବା ଓ ଦୁଗ୍ଧ ଚାଷୀମାନେ ରାସ୍ତା ଉନ୍ନତୀକରଣରେ ଅଧିକ ଲାଭବାନ୍ ହେବେ। ରାସ୍ତାର ଉନ୍ନତୀକରଣ ହେଲେ ହସ୍ପିଟାଲ, ରେଳ ଷ୍ଟେଶନ ସଂଯୋଗୀକରଣ ସମ୍ଭବ। ଲୋକଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାରେ ଉନ୍ନତି ସାଧନ ହୋଇପାରିବ। ମା'ଶାରଳାଙ୍କ ପବିତ୍ର ପୀଠକୁ ଅଧିକ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସିବେ। ଏହାଦ୍ୱାରା ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ହେବ। ଏସବୁ କାରଣରୁ ଶାରଳା ମନ୍ଦିର ଲଙ୍କାପଡ଼ା ଭାୟା ଶଙ୍ଖେଶ୍ୱର ୨୫,୪୦୦ କିଲୋମିଟର ରାସ୍ତା ନିର୍ମାଣ ନିମନ୍ତେ ଆନୁମାନିକ ୨୫୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହାବାଦ୍ ଜଗତ୍‌ସିଂହପୁର ଜିଲାର ଗଇଠିପୁରଠାରୁ ରାହାଣ, ଅନନ୍ତପୁର, କୁସୁପୁର, ଆଠଘରିଆ ଏବଂ ଗମରା ଦେଇ ବାଲିଯୋରୀ ପର୍ଯ୍ୟନ୍ତ ଏକ ଦୁର୍ବିପାକ ପ୍ରତିରୋଧ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। ଗଇଠିପୁରଠାରୁ ବାଲିଯୋରୀ ପର୍ଯ୍ୟନ୍ତ ୧.୫୦ କି.ମି. ରାସ୍ତା ନିର୍ମାଣ ପାଇଁ ୧୮୫୦ ଲକ୍ଷ ଟଙ୍କା ଖର୍ଚ୍ଚ ଆକଳନ ହୋଇଥିଲା। ଏହି ଦୁର୍ବିପାକ ପ୍ରତିରୋଧ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ସରକାର ନିର୍ବାଚନ ପୂର୍ବରୁ ବହୁସଂଖ୍ୟକ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ସ୍ୱପ୍ନ ଦେଖାଇଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରତିଶ୍ରୁତି ଅନୁସାରେ କାମ ହୁଏନାହିଁ। ଅନ୍ୟ ସମୟରେ ମଧ୍ୟ ପ୍ରଶାସନିକ ଓ ବିଭାଗୀୟ ଅଧିକାରୀମାନେ ନୂଆ ନୂଆ ପ୍ରକଳ୍ପ ପ୍ରସ୍ତୁତ କରି ଅନୁମୋଦନ ପାଇଁ ସରକାରଙ୍କ ପାଖକୁ ପଠାଇଥାନ୍ତି। ସେଥିମଧ୍ୟରୁ ଅନେକ ଠିକ୍ ସମୟରେ ଅନୁମୋଦନ ଲାଭ କରିପାରୁନାହିଁ। ଏହାଦ୍ୱାରା ଲୋକେ ନିରାଶ ହେଉଛନ୍ତି ବୋଲି ଅଭିଯୋଗରେ କହିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଶତପଥୀଙ୍କୁ ପଚାରିବାରୁ ଲଙ୍କାପଡ଼ା ଭାୟା ଶଙ୍ଖେଶ୍ୱର ଗ୍ରାମ୍ୟ ରାସ୍ତାକୁ ଅର୍ଥନୈତିକ କରିଡର ପାଇଁ ଯେଉଁ ପ୍ରସ୍ତାବ ରହିଛି ତାହା ସରକାରୀ ଅନୁମୋଦନ ଅପେକ୍ଷାରେ ଅଛି। ଅନୁମୋଦନ ଲାଭକଲେ ପରବର୍ତ୍ତୀ ପ୍ରକ୍ରିୟା ଅବଲମ୍ବନ କରାଯିବ ବୋଲି ସେ କହିଛନ୍ତି।

# ବଜ୍ରପାତରେ ୫ ବଖରା ଜଳିଗଲା: ୩ ଗୁରୁତର



କୁଜଙ୍ଗ,୨୭।୫(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜିଲାନାସୀ ପଞ୍ଚାୟତ ବରିହାଡିହା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ବ୍ରଜପାତ ଘଟି ୫ ବଖରା ଜଳିଯାଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଏଥିରେ ରାଧେଶ୍ୟାମ ପରିଡ଼ା, ଗୌରାଙ୍ଗ ପରିଡ଼ା ଓ ମଥୁରି ପରିଡ଼ାଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ପୋଡ଼ିହୋଇ ମଥୁରିଙ୍କ ସ୍ତ୍ରୀ ଲତିକା, ପୁଅ ବିକାଶ ଓ ସଞ୍ଜୟ ଗୁରୁତର ହୋଇଛନ୍ତି। ସେମାନଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ବିକାଶଙ୍କୁ ଘରକୁ ପଠାଇ ଦିଆଯାଇଥିବାବେଳେ ଲତିକା ଓ ସାନପୁଅ ସଞ୍ଜୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ରାତି ପ୍ରାୟ ୨ଟା ବେଳେ ବର୍ଷାପବନ ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏହି ସମୟରେ ରାଧେଶ୍ୟାମଙ୍କ ଘର ଉପରେ ବଜ୍ରପାତ ହେବାରୁ ଘରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟି ଚାରିଆଡ଼କୁ ନିଆଁ ବ୍ୟାପି ଯାଇଥିଲା। ଫଳରେ ରାଧେଶ୍ୟାମଙ୍କ ୨ ବଖରା ଓ ଗୌରାଙ୍ଗଙ୍କ ୩ ବଖରା ଜଳିଯାଇଛି। ସେମାନଙ୍କ ସମସ୍ତ ଆସବାବପତ୍ର ଜଳିଯାଇଛି। ମଥୁରିଙ୍କ ଗୁହାଳ ଘର ପୋଡ଼ିଯାଇଛି। ଖବରପାଇ କୁଜଙ୍ଗ ଦମକଳ ବାହିନୀ ଯାଇଥିଲେ ବି କାଦୁଅରେ ଗାଡ଼ିଚକ ଦବିଯିବାରୁ ଘଟଣାସ୍ଥଳରେ ପହଞ୍ଚିପାରି ନ ଥିଲା। ପରେ ତିର୍ତ୍ତୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ମାତ୍ର ସେତେବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ରାଜସ୍ୱ ବିଭାଗ ତରଫରୁ ବିପନ୍ନ ପରିବାରକୁ ଜରିପାଲ ଯୋଗାଇ ଦିଆଯାଇଛି। କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ ଓ ଯୁବନେତା ଅରୁଣ କୁମାର ବେହେରା ପହଞ୍ଚି ବିପନ୍ନ ପରିବାରଗୁଡ଼ିକୁ ୧୦ ହଜାର ଟଙ୍କା ସହ ପାଲ, ଖାଦ୍ୟସାମଗ୍ରୀ ଓ ବସ୍ତ୍ର ଆଦି ଯୋଗାଇ ଦେଇଛନ୍ତି। ସେହିପରି ସାମାଜିକ କର୍ମୀ ତପନ ସାମନ୍ତରାୟ, ସରପଞ୍ଚ ନଳିନୀପ୍ରଭା ପରିଡ଼ା ଓ ଭାଜପା ନେତା ସମ୍ପଦ ସ୍ୱାଇଁ ପ୍ରମୁଖ ପହଞ୍ଚି ସହାୟତା ଯୋଗାଇ ଦେଇଛନ୍ତି।

# ପୁଣି ଚମକିଲେ ରାଜକନିକା ଝିଅ

ରାଜକନିକା,୧୭।୫(ଡି.ଏନ୍.ଏ.)



**ଦେବସ୍ମିତାଙ୍କୁ ରସାୟନ ଶାସ୍ତ୍ରରେ ସ୍ୱର୍ଣ୍ଣ ପଦକ**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ତୈଲୋକ୍ୟପୁର ଗ୍ରାମ ପଞ୍ଚାୟତର ଅଖ୍ୟାତ୍‌ପଲ୍ଲୀ ଗାଁରେ ଜନ୍ମଲାଭ କରି ସୁଦୁର କୋଲକାତାରେ ଦ୍ୱାଦଶ ପର୍ଯ୍ୟନ୍ତ ପାଠପଢି ପଶ୍ଚିମବଙ୍ଗରେ ଦ୍ୱାଦଶରେ ଟପ୍ପର ହୋଇଥିବା ଦେବସ୍ମିତା ଶୁକ୍ରବାର ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଏମଏସସି ରସାୟନ ଶାସ୍ତ୍ର ବିଭାଗରୁ ସ୍ୱର୍ଣ୍ଣ ପଦକ ପାଇ ରାଜକନିକାକୁ ଗୌରବାନିତ୍ୱ କରିଛନ୍ତି। ଏହା ପୂର୍ବରୁ ୨୦୨୦ରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ବିଏସ୍‌ସି(କେମେଷ୍ଟ୍ରି ଅନର୍ସ)ରେ ପ୍ରଥମସ୍ଥାନରେ ରହି ସେ ରାଜକନିକା ପାଇଁ ଗୌରବ ଆଣିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍‌ଙ୍କଠାରୁ ଦେବସ୍ମିତା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଅବସରରେ ଦେବସ୍ମିତା କହିଛନ୍ତି, ଜୀବନର ସବୁଠାରୁ ଅଧିକ ଖୁସିର ମୁହୂର୍ତ୍ତ ହେଉଛି ମୁଁ ରାଜ୍ୟପାଳଙ୍କ ହାତରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିବା। ଜଣେ ସଫଳ ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ରଖିଥିବା ଦେବସ୍ମିତା କହିଛନ୍ତି, ଶିକ୍ଷା ବିନା ଜୀବନରେ ଶୂନ୍ୟତା ସୃଷ୍ଟି ହୋଇଥାଏ। ତାଙ୍କର ଏହି ସଫଳତା ଶ୍ରେୟ ବାପା ଶତ୍ରୁଘ୍ନ ଦାଶ ଓ ମାତା ରଶ୍ମିରେଖା ଦାଶଙ୍କ ସମେତ ଅଧାପିକା,ଅଧ୍ୟାପକଙ୍କୁ ଦେଇଛନ୍ତି।

# ମିକ୍ସଚର ମେଶିନର ଭଡ଼ା ନ ଦେଇ ଠକିବା ଅଭିଯୋଗ : ଜଣେ କୋର୍ଟ ଚାଲାଣ

ବାଲିକୁଦା,୨୭।୫(ସ୍ୱ.ପ୍ର.)

ଭଡ଼ା ସୂତ୍ରରେ ମିକ୍ସଚର ମେଶିନ ନେଇ ମାଲିକଙ୍କୁ ଭଡ଼ା ବାବଦ ଅର୍ଥ ନ ଦେଇ ଠକି ଚାଲିଥିବା ନେଇ ବାଲିକୁଦା ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବନ୍ଦର ମେରାଇନ ଥାନା ଅଧୀନ ନହରଣା ଗାଁର ପ୍ରତାପ ଚନ୍ଦ୍ର ମହାନ୍ତି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଅନନ୍ତପୁର ଫାଣ୍ଡି ଅଧୀନ ରାହାଣ ପଞ୍ଚାୟତ ସାମନ୍ତରାପୁର ଗାଁର ଲାଲିଲତା ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ୨ଟି ମିକ୍ସଚର ମେଶିନକୁ ପ୍ରତାପ ୨୦୧୯ ଏପ୍ରିଲ ୮ରୁ ମାସିକ ୪୦ ହଜାର ଟଙ୍କା ଭଡ଼ା ସୂତ୍ରରେ ନେଇଥିଲେ। ଭଡ଼ା ଅର୍ଥ ବାବଦକୁ ମୋଟ ୨୨ ଲକ୍ଷ ୨୬ ହଜାର ୮ଶହ ଟଙ୍କା ହୋଇଯାଇଥିଲେ ମଧ୍ୟ ପ୍ରତାପ ଟଙ୍କା ଦେଉ ନ ଥିଲେ। ଓଲଟା ଷଡ଼ଯନ୍ତ୍ର କରି ଅଭିଯୁକ୍ତ ପ୍ରତାପ ତାଙ୍କ ନାମରେ ଆପରାଧିକ ମାମଲା କରି ମାନସିକ ଯନ୍ତ୍ରଣା ଦେଉଥିଲେ। ଲାଲିଲତା ଗତ ୧୪ ତାରିଖରେ ଦଶବାଟିଆ ଛକରୁ କାମ ସାରି ଫେରୁଥିବା ବେଳେ ଓଲାଷ ଛକରେ ପ୍ରତାପଙ୍କ ସହ ଦେଖା ହୋଇଥିଲା। ସେଠାରେ ସେ ପ୍ରତାପଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। କାହିଁକି ରାସ୍ତା ଘାଟରେ ଟଙ୍କା ମାଗିଲୁ ବୋଲି କହି ପ୍ରତାପ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାଠଫାଳିଆରେ ମାଡ଼ ମାରି ତଳେ ପକାଇଦେଇଥିଲେ। ଏନେଇ ଲାଲିଲତା ବାଲୁକୁଦା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୫୨/୨୩) ରୁଜୁ କରିଥିଲା।

DSPL-51
TRANSPARENCY TECHNOLOGY TEAMWORK TIME TRANSFORMATION
ଓଡ଼ିଶା ସରକାର
ମୋ ସରକାର 14545

ରତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ
୨୮ ମଇ୨୦୨୩

"ରତୁସ୍ରାବ ସମୟରେ କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପରିଚ୍ଛନ୍ନତା ଅତ୍ୟନ୍ତ ଜରୁରୀ। 'ଖୁସି' ଯୋଜନାରେ ଆମ ରାଜ୍ୟର କିଶୋରୀ ମହିଳା ମାନଙ୍କୁ ଆମେ ଏଥି ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ।"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ,ଓଡ଼ିଶା



ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା

'ଖୁସି' କାର୍ଯ୍ୟକ୍ରମରେ ଆମର ସଫଳତା

- ସରକାରୀ ଓ ସରକାରଙ୍କ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ 'ଖୁସି' ଯୋଜନାରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଝିଅମାନଙ୍କୁ ମାଗଣାରେ ସାନିଟାରୀ ନାପ୍‌କିନ୍ ଯୋଗାଇ ଦିଆଯାଉଛି।
- ସାମାଜିକ ବିପଣନ ମାଧ୍ୟମରେ ମହିଳାମାନଙ୍କୁ ୬ ଟଙ୍କାରେ ୬ଟି ସାନିଟାରୀ ପ୍ୟାଡ୍ ଯୋଗାଇ ଦିଆଯାଉଛି।
- ମହିଳା ମାନଙ୍କର (୧୫-୨୪ ବର୍ଷ) ରତୁସ୍ରାବ ସମୟରେ ସ୍ୱଚ୍ଛତା ପଦ୍ଧତି ଅନୁପାଳନ କରିବାରେ ଆମ ରାଜ୍ୟର ସଫଳତା ୨୦୧୫-୧୬ରେ ୪୭% ରୁ ୨୦୧୯-୨୧ରେ ୮୨% କୁ ବୃଦ୍ଧି ପାଇଛି ଯାହା ଜାତୀୟ ହାର ଠାରୁ ଅଧିକ (ଏନ୍.ଏଫ୍.ଏଚ୍.ଏସ୍-୫)।
- ଏନ୍.ଏଫ୍.ଏଚ୍.ଏସ୍-୫ ଅନୁଯାୟୀ ରାଜ୍ୟର ଦ୍ୱାଦଶ ଶ୍ରେଣୀ ପଢ଼ା ଶେଷ କରୁଥିବା ଛାତ୍ରୀମାନଙ୍କ ମଧ୍ୟରେ ୮୦% ଛାତ୍ରୀ ସାନିଟାରୀ ପ୍ୟାଡ୍ ବ୍ୟବହାର କରୁଛନ୍ତି।

ଆବଶ୍ୟକ ହେଲେ ସ୍ୱାସ୍ଥ୍ୟ ସହାୟତା ନମ୍ବର ୧୦୪ରେ ଫୋନ୍ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
facebook.com/HFWOdisha
@HFWOdisha
http://www.health.odisha.gov.in
OIPR-10003/13/0044/2324

# ବେଆଇନ ମାଟି ଚାଲାଣ ବଢୁଛି

ବିରିଡ଼ି, ୨୭।୫(ଡି.ଏନ୍.ଏ.)

**ଏନ୍‌ଜିଟି ନିୟମ ଉଲ୍ଲଂଘନ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ**

ବିରିଡ଼ି ତହସିଲ ଅଧୀନରେ ଥିବା ବିଲୁଆଖାଇ ନଦୀପଠାରୁ ବେଆଇନ ଭାବେ ମାଟି ଖୋଳାଯାଇ ଚାଲାଣ କରାଯାଉଛି। ଜେସିବି ଲଗାଇ ଟ୍ରାକ୍ଟର ଯୋଗେ ଏଠାରୁ ମାଟି ନେଇ ଅନ୍ୟତ୍ର ବିକ୍ରିକରି ଅସାଧୁ ବ୍ୟବସାୟୀମାନେ ମାଲାମାଲ ହେଉଛନ୍ତି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିୟମ ଅନୁସାରେ କୌଣସି ବ୍ୟକ୍ତିଙ୍କ ନଦୀପଠାରେ ନିଜର ସମତଳ ଉର୍ବର ଜମି ଥିଲେ ମଧ୍ୟ ସେଥିରୁ ମାଟି ଖୋଳିବାର ନିୟମ ନାହିଁ। ଏଠାରେ ଏନ୍‌ଜିଟି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି।

ସୂଚନା ଅନୁଯାୟୀ, ମାଟି ମାଫିଆମାନେ ଏଠାରୁ ମାଟି ନେଇ ଇଟାଭାଟିରେ ବ୍ୟବହାର କରୁଛନ୍ତି। ଏଥିପାଇଁ ସେମାନେ ନଦୀପଠାକୁ ତାଡ଼ି ପ୍ରାୟ ୪ରୁ ୫ ଫୁଟ ଗାଡ଼କରି ଦେଉଛନ୍ତି। ଆଗାମୀ ଦିନରେ ବନ୍ୟା ଆସିଲେ ସେଠାରେ ସ୍ୱତନ୍ତ୍ର ନଦୀଧାର ସୃଷ୍ଟିହୋଇ ଜଗତ୍‌ସିଂହପୁର ଜିଲା ବନ୍ୟାପ୍ଲାବିତ ହେବାର ଆଶଙ୍କା ରହିଛି। ଅପରପକ୍ଷେ ଇଟାଭାଟି ଯୋଗୁ ପରିବେଶ ପ୍ରଦୂଷଣ ଓ ତାତି ବଢ଼ିବାରେ ଲାଗିଛି। ଏଥିଯୋଗୁ ଲୋକେ ଅତିଷ୍ଠ ହେଉଛନ୍ତି। ଏଥିପ୍ରତି ତହସିଲ ପ୍ରଶାସନର ନିଘା ନାହିଁ। ନାମକୁମାତ୍ର ତହସିଲଦାର ଘଟଣାସ୍ଥଳକୁ ଆସି ଫେରିଯାଉଥିବା ଅଭିଯୋଗ ହୋଇଛି। ନଦୀପଠାରୁ ମାଟିଖୋଳା ସମ୍ପର୍କରେ ତହସିଲଦାରଙ୍କୁ ଖବର ମିଳିବା ପୂର୍ବରୁ କୌଣସିମତେ ମାଫିଆମାନଙ୍କୁ ଖବର ମିଳିଯାଉଛି ବୋଲି କୁହାଯାଉଛି। ଏ ସମ୍ପର୍କରେ ତହସିଲଦାର ସହଦେବ ସାହୁଙ୍କୁ ପଚାରିବାରୁ ସେ କୁହନ୍ତି, ଆମେ ଯେତେବେଳେ ଚଢ଼ାଉ କରିବାକୁ ଯାଉଛୁ ସେତେବେଳେ ସେମାନେ ପଳାଇ ଯାଉଛନ୍ତି।



ବିଲୁଆଖାଇ ନଦୀପଠାର ସମତଳ ଉର୍ବର ଜମିରୁ ମାଟି ଖୋଳାଯିବା ଯୋଗୁ ଗାଡ଼ ହୋଇଯାଇଛି।

## ଯୌତୁକଜନିତ ବଧୂହତ୍ୟା ମାମଲା, ସ୍ୱାମୀ ଗିରଫ

ବ୍ରହ୍ମପୁର ଅଫିସ,୨୭।୫: ଯୌତୁକଜନିତ ହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଧୀରେନ୍ କୁମାର ପରିଡ଼ା, ଘର ପାଟପୁର ଥାନା ଦେଉଳପେଢ଼ି ଗ୍ରାମର। ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ୨୦୨୨ ଫେବୃୟାରୀ ୧୮ରେ ପାଣ୍ଡିଆଝୋଲି ଗ୍ରାମର ଉମାଶଙ୍କର ରାଉତଙ୍କ ଝିଅ ଦିବ୍ୟାଦିପ୍ତୀ (୨୧)ଙ୍କୁ ପାଟପୁର ଥାନା ଅନ୍ତର୍ଗତ ଦେଉଳପେଢ଼ି ଗ୍ରାମର ଧୀରେନ୍ ପରିଡ଼ା ବିବାହ କରିଥିଲେ। ଧୀରେନ୍ ମୁମ୍ବାଇରେ ଏକ ଘରୋଇ କମ୍ପାନୀରେ କାମ କରୁଥିବାରୁ ବିବାହ ପରେ ସେ ସ୍ତ୍ରୀଙ୍କୁ ନେଇ ସେଠାକୁ ଚାଲିଯାଇଥିଲେ। କିନ୍ତୁ ମନୋମାଳିନ୍ୟ ହେବାରୁ ଦିବ୍ୟାଦିପ୍ତୀ ସେଠାରୁ ଫେରିଆସି ମା'ଙ୍କ ପାଖରେ ରହୁଥିଲେ। ତାଙ୍କ ମା' ପ୍ରତିମା ରାଉତ ବାଉଁଶିଆପଲ୍ଲୀ ନିକଟ ରାମଚନ୍ଦ୍ରପୁର ସ୍ଥିତ ଏକ କୁକୁଡ଼ା ଫାର୍ମରେ କାମ କରିବା ସହ ସେଠାରେ ରହୁଥିଲେ। ଗତ ୨୫ତାରିଖ ରାତି ପ୍ରାୟ ୧୨ଟାରେ ଛାତ ତଳେ ଦିବ୍ୟାଦିପ୍ତୀଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିଥିଲା। ଏହି ମୃତ୍ୟୁ ପାଇଁ ତାଙ୍କ ସ୍ୱାମୀ ସମେତ ଶ୍ୱଶୁର ଘର ଲୋକ ଦାୟୀ ବୋଲି ପ୍ରତିମା ଅଭିଯୋଗ କରିଥିଲେ। ତେବେ ଦିବ୍ୟାଦିପ୍ତୀଙ୍କ ମୃତ୍ୟୁ ବେଳେ କ୍ୱାର୍ଟରରେ ଥିବା ତାଙ୍କ ସ୍ୱାମୀ ଧୀରେନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଛି।

# ପାନୀୟ ଜଳ ଯୋଗାଣ ସାତସପନ



ପାଣି ପାଇଁ ଅପେକ୍ଷା କରିଥିବା ଘଡେଇବନ୍ଧ ଗ୍ରାମର ମହିଳାମାନେ।

- ଘଡ଼େଇବନ୍ଧବାସୀଙ୍କ ଜଳକଷ୍ଟ ବଢୁଛି
- ପ୍ରକଳ୍ପ ନିର୍ମାଣ ପରେ ବି ପାଣି ପାଉନାହାନ୍ତି ଲୋକେ
- ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାର ଚେତାବନୀ

ନୂଆଗାଁ,୨୭।୫ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡାଝୋଲା ପଞ୍ଚାୟତ ଘଡେଇବନ୍ଧ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି । ନିର୍ମାଣ ଶେଷ ହେବାର ୧ ବର୍ଷ ବିତିଥିଲେ ମଧ୍ୟ ଅଦ୍ୟାବଧି ଜଳ ଯୋଗାଣ କରାଯାଉନାହିଁ । ଯଥାଶୀଘ୍ର ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆ ନ ଗଲେ ଘଡେଇବନ୍ଧବାସୀ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବାହାଡାଝୋଲା ପଞ୍ଚାୟତର ୩ ୱାର୍ଡକୁ ନେଇ ଗଠିତ ଘଡେଇବନ୍ଧ ଗ୍ରାମରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ତରଫରୁ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଇନ୍‌ଟେକ କୂଅ, ପମ୍ପ ହାଉସ ନିର୍ମାଣ କରାଯିବ ସହ ପାଇପ୍ ବିଛା ଯାଇ ଗାଁରେ ଟ୍ୟାପ୍ ଲଗାଇ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏ ସବୁ କାମ ଶେଷ ହେବାର ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଜଳ ଯୋଗାଣ କରାଯାଉ ନାହିଁ। ନିର୍ମାଣ ଶେଷ ହେବା ପରେ ପରୀକ୍ଷାମୂଳକ ଭାବେ କିଛି ଦିନ ଜଳ ଯୋଗାଇ ଦିଆଯାଇ ପରବର୍ତ୍ତୀ ସମୟରେ ବନ୍ଦ କରି ଦିଆଯାଇଥିଲା । ସରକାରୀ ବ୍ୟବସ୍ଥା ଅନୁସାରେ ଠିକାଦାର କାମ ଶେଷ କରିବା ପରେ ସମ୍ପୃକ୍ତ ପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର କରିବା କଥା । କିନ୍ତୁ ତାହା କରାଯାଇ ନ ଥିବା କହିଛନ୍ତି ବାହାଡାଝୋଲା ସରପଞ୍ଚ ଆରତୀ ସେଠୀ । ଘଡେଇବନ୍ଧବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରପଞ୍ଚ ବିଭାଗୀୟ ଅଧିକାରୀ , ବ୍ଲକ ପ୍ରଶାସନ ଓ ନେତାଙ୍କୁ ବାରମ୍ବାର ଗୁହାରୀ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ଅନ୍ୟପକ୍ଷେ ନିର୍ମାଣ କାର୍ଯ୍ୟ ଶେଷ ହେବାର ଏକ ମାସ ନ ପୂରୁଣୁ ନିମ୍ନମାନର କାମ ଯୋଗୁ ସାମାନ୍ୟ ବର୍ଷାରେ ପମ୍ପ ହାଉସ ପାଚେରୀ ଓ ଇନ୍‌ଟେକ କୂଅ ଭୁଶୁଡ଼ି ପଡିଛି । ଏହାକୁ ମରାମତି ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ତାହା ମରାମତି କରାଯାଉ ନାହିଁ । ଏଗୁଡ଼ିକୁ ମରାମତି କରି ପଞ୍ଚାୟତକୁ ହସ୍ତାନ୍ତର କରିବା ପାଇଁ ସରପଞ୍ଚ କହୁଥିବା ବେଳେ ଅଧିକାରୀମାନେ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ସରପଞ୍ଚ ସେଠୀ । ଗୋଟିଏ ପଟେ ପିଇବା ପାଣି ପାଇଁ ଗ୍ରାମବାସୀ ଡହକ ବିକଳ ଅଧିକାରୀମାନଙ୍କ ନୀରବ ରହିବା ବିବାଦ ସୃଷ୍ଟି କରିଛି। ତେବେ ଯଥାଶୀଘ୍ର ଟ୍ୟାପ୍ ଯୋଗେ ପାଣି ଯୋଗାଇବାର ବ୍ୟବସ୍ଥା କରା ନ ଗଲେ ଆଗାମୀ ସାଧାରଣ ନିର୍ବାଚନରେ ୩ ୱାର୍ଡର ଲୋକେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ବାବଦରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ମୁଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର କହୁଥିଲେ ମଧ୍ୟ ସେ ଶୁଣୁ ନାହାନ୍ତି । ତେଣୁ ଜିଲାପାଳଙ୍କୁ ଲେଖି ଜଣାଇବି ବୋଲି କହିଛନ୍ତି ବିଡିଓ ମିଶ୍ର ।

## ତାଡ଼କା ବଧ, ଅହଲ୍ୟା ଉଦ୍ଧାର ମଞ୍ଚସ୍ଥ



ତାଡ଼କା ବଧର ଏକ ଦୃଶ୍ୟ।

### ବାପୁଜୀନଗର ରାମଲୀଳା

ଖଣ୍ଡପଡ଼ା,୨୭।୫ (ସ୍ୱ.ପ୍ର.)

କଣ୍ଟିଲୋ ଶ୍ରୀ ଶ୍ରୀ ରଘୁନାଥ ଜୀଉ ନାଟ୍ୟ ସମିତି ବାପୁଜୀ ନଗର କଂସାରୀ ସାହି ପାଟଣା ପକ୍ଷରୁ ଶୁକ୍ରବାର ରାମଲୀଳାର ପ୍ରଥମ ପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ତାଡ଼କା ବଧ ଓ ଅହଲ୍ୟା ଉଦ୍ଧାର ରାମଲୀଳା ମଞ୍ଚସ୍ଥ ହୋଇଥିଲା । ଋଷିମାନଙ୍କ ସୁରକ୍ଷା ପାଇଁ ରାଜା ଦଶରଥ ୨ପୁଅ ରାମ ଓ ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ରଙ୍କ ସାଥିରେ ଯିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ବିଶ୍ୱାମିତ୍ରଙ୍କ ସଙ୍ଗେ ୨ ଭାଇ ଜଙ୍ଗଲ ମଧ୍ୟରେ ଯିବା ବାଟରେ ମାୟାବିନୀ ତାଡ଼କା ଅସୁରୁଣୀ ସେମାନଙ୍କ ପଥ ଅବରୋଧ କରିଥିଲେ । ରାମଚନ୍ଦ୍ର ତାଙ୍କୁ ବଧ କରିଥିଲେ । ତାଡ଼କା ବଧ ପରେ ସେମାନେ ଆଗକୁ ଯିବା ବାଟରେ ଗୌତମ ଋଷିଙ୍କ ଅଭିଶାପରେ ପାଷାଣୀ ପାଲଟିଥିବା ଅହଲ୍ୟା ରାମଚନ୍ଦ୍ରଙ୍କ ପାଦ ସ୍ପର୍ଶରେ ଶାପମୁକ୍ତ ହୋଇଥିଲେ । ଅଭିଶପ୍ତା ଅହଲ୍ୟାଙ୍କୁ ଉଦ୍ଧାର କରି ରାମ ଲକ୍ଷ୍ମଣ ନୌକାରେ ନଦୀ ପାର ହୋଇ ମିଥିଳାରେ ପ୍ରବେଶ କରିଥିଲେ ।

ପୁରାଣର ଏହି କଥା ବସ୍ତୁକୁ ନାଟ୍ୟରୂପ ଦେଇଥିଲେ ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଯଥାକ୍ରମେ ଅସିତ ମହାରଣା, ଅମିତ ସାହୁ ଓ ଟିଣ୍ଟୁ ସାହୁ । ସେହିପରି ବିଶ୍ୱାମିତ୍ର, ଶିବ, ପାର୍ବତୀ, ଦଶରଥ, ବଶିଷ୍ଠ, ତାଡକା, ଅହଲ୍ୟା ଭୂମିକାରେ ଯଥାକ୍ରମେ ବିଭୁତି ଭୂଷଣ ସାହୁ, ସିପୁନ, ସୁରଜ, ସୁଶାନ୍ତ ସାହୁ, ପ୍ରଶାନ୍ତ କୁମାର ସାହୁ, ସୁରଜ କୁମାର ସାହୁ ଓ ଅରୁଣ ସାହୁ ଅଭିନୟ କରିଥିଲେ। କୈବର୍ତ୍ତ ଭୂମିକାରେ ଟୁଲିଆ ସାହୁଙ୍କ ନୌକାରେ ଶ୍ରୀରାମଙ୍କର ପାଦଧୌତ ପ୍ରସଙ୍ଗ ଦର୍ଶକମାନଙ୍କୁ ଭାବବିହ୍ୱଳ କରିଥିଲା । ଗୁରୁ ଶରତ ଚନ୍ଦ୍ର ସାହୁ ଓ ଦିପୁ ସାହୁ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ।

ରାମଲୀଳାର ପ୍ରଥମ ରାତିରେ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଉଜ୍ଜ୍ୱଳ ମହାରଣା ଅତିଥି ଭାବେ ଯୋଗ ଦେଇ କଣ୍ଟିଲୋ ଅଞ୍ଚଳର ଏହି ପୁରାତନ ରାମଲୀଳା ପରମ୍ପରାକୁ କଳାକାରମାନେ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଥିବାରୁ ସାଧୁବାଦ ଜଣାଇଥିଲେ । କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ମାତ୍ର ୫ଦିନ ଏହି ରାମଲୀଳା ମଞ୍ଚସ୍ଥ ହେବ ବୋଲି ନାଟ୍ୟ ପରିଚାଳନା କମିଟି ସଭାପତି ହୃଷିକେଶ ମିଶ୍ର ସୂଚନା ଦେଇଥିଲେ।

# ୪୮୩ ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ ପ୍ରଦାନ



ଅତିଥିଙ୍କ ଗହଣରେ ମେଧା ସମ୍ମାନରେ ସମ୍ମାନିତ ହୋଇଥିବା ଛାତ୍ରୀମାନେ।

ଓଡ଼ଗାଁ,୨୭।୫ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ୪୮୩ ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି । ଶନିବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବିଧାୟକ ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ସାମାଜିକ କର୍ମୀ ତଥା କ୍ରୀଡ଼ାବିତ୍ ଦିବାକର ନାୟକ ଓ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା(୧) ଝିଲିବାଳା ପ୍ରଧାନ, ଜିଲା ପରିଷଦ ସଦସ୍ୟା (୨) ବିରଜାଲକ୍ଷ୍ମୀ ସାହୁ, ବ୍ଲକ ଉପାଧ୍ୟକ୍ଷା ମୀରା ନାୟକ, ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଭାରପ୍ରାପ୍ତ ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ଜିଲା ବିଜେଡି ଉପସଭାପତି ନିତ୍ୟାନନ୍ଦ ପ୍ରଧାନ, ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଓ ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀ ମଞ୍ଚାସୀନ ଥିଲେ। ବିଇଓ ସାହୁ ସ୍ୱାଗତ ଭାଷଣ ଦେବା ପରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ବକ୍ତାମାନେ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ନୟାଗଡ ନିର୍ବାଚନ ମଣ୍ଡଳୀ ଅଧୀନ ୧୮ ପଞ୍ଚାୟତ ଓ ଏନଏସିର ୨୧ ହାଇସ୍କୁଲର ୪୮୩ ଛାତ୍ରୀ ଛାତ୍ରଙ୍କୁ ବିଧାୟକଙ୍କ ସମେତ ଅତିଥିମାନେ ଉପାଦେୟ ପୁସ୍ତକ ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

## ୫ମାସ ପରେ ନାବାଳକଙ୍କୁ ଧରିଲା ପୋଲିସ

ବ୍ରହ୍ମପୁର ଅଫିସ,୨୭।୫

ଜଣେ +୨ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ନାବାଳକଙ୍କୁ ବଡ଼ବଜାର ଥାନା ପୋଲିସ ଶୁକ୍ରବାର ଧରିଛି। ତାଙ୍କୁ ପଚରାଉଚରା ବେଳେ ତା'ଙ୍କ ବିରୋଧରେ ବୈଦ୍ୟନାଥପୁର ଏବଂ ଟାଉନ୍ ଥାନାରେ ଦୁଇଟି ମାମଲା ଥିବା ଜଣାପଡ଼ିଛି। ମାମଲା ନମ୍ବର ୩୪୮/୨୨ରେ ଶନିବାର ତା'ଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ଼ (ଜେଜେବି) ରେ ହାଜର କରାଯାଇଛି। ପରେ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପୀଡ଼ିତା ଛାତ୍ରୀ ଏବଂ ନାବାଳକ ଦୁହେଁ ଗୋଟିଏ କଲେଜରେ ପଢୁଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୨୨ ଡିସେମ୍ବର ୧୬ରେ ନାବାଳକ ଜଣକ ଛାତ୍ରୀଙ୍କୁ ନେଇ ଗୋପାଳପୁରସ୍ଥିତ ଏକ ଲଜରେ ରହିଥିଲେ।

## ଗୋଳନ୍ଥରାରେ ନାବାଳିକା ଅପହରଣ

ଗୋପାଳପୁର,୨୭।୫(ଡି.ଏନ.ଏ.)

ଗୋଳନ୍ଥରା ଥାନା ଅଞ୍ଚଳରେ ଶନିବାର ଜଣେ ଦଶମ ଶ୍ରେଣୀ ପାସ୍ କରିଥିବା ନାବାଳିକା ଅପହରଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଶନିବାର ସକାଳେ ପରିବାର ଲୋକ ଉଠିବା ବେଳେ ଘରେ ନାବାଳିକା ଝିଅକୁ ଦେଖିବାକୁ ପାଇ ନଥିଲେ। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ ପତ୍ତା ପାଇନଥିଲେ। ନାବାଳିକାଙ୍କ ବାପା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥାର ପ୍ରତିବାଦ



ହେମେନ୍ଦ୍ରସେନା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

- ସିଡିଏମ୍‌ଓଙ୍କୁ ସ୍ମାରକପତ୍ର ଦେଲା ହେମେନ୍ଦ୍ର ସେନା
- ଦାବିପୂରଣ ପାଇଁ ୧୫ ଦିନ ମହଲତ

ୟାଗଡ଼ ଅଫିସ,୨୭।୫

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖା ଦେଇଥିବା ଅବ୍ୟବସ୍ଥାକୁ ଦୂର କରିବା, ଅକ୍ସିଜେଣ୍ଟ ପ୍ଲାଣ୍ଟ ଓ ଆଇସିୟୁକୁ କାର୍ଯ୍ୟକ୍ଷମ କରିବା, ସିଟି ସ୍କାନ ପରୀକ୍ଷଣ ବ୍ୟବସ୍ଥା କରାଇବାର ଦାବି ନେଇ ହେମେନ୍ଦ୍ରସେନା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କୁ ଶନିବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ୧୫ ଦିନ ଭିତରେ ଦାବି ପୂରଣ ନ ହେଲେ ଅକ୍ସିଜେଣ୍ଟ ପ୍ଲାଣ୍ଟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷେ ଚଳିତ ମାସ ୨୯ରେ ସିଡିଏମଓଙ୍କ ସହ ସ୍ୱାସ୍ଥ୍ୟସେବା ସମ୍ପର୍କରେ ମଧ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଛି ।

ହେମେନ୍ଦ୍ର ସେନାର ସମ୍ପାଦକ ଶେଖ ଅବଦୁଲ ଆହାଦଙ୍କ ନେତୃତ୍ୱରେ ଏକ ୬ଜଣିଆ ଦଳ ଭାରପ୍ରାପ୍ତ ସିଡିଏମ୍‌ଓଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅକ୍ସିଜେନ ପ୍ଲାଣ୍ଟ ୨ ବର୍ଷ ହେଲା ନିର୍ମାଣ ହୋଇଛି । ତେବେ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଆଖି, କର୍ଣ୍ଣ ଓ ନାଶା ବିଭାଗର ଏକ ବହିଃରୋଗୀ ବିଭାଗ ସହ ଅସ୍ତ୍ରୋପଚାର କକ୍ଷର ଆବଶ୍ୟକତା ରହିଛି। ହେଲେ ଏହାକୁ ନିର୍ମାଣ କରାଯାଉନି। ଏଣୁ ଆଖି, କର୍ଣ୍ଣ ଓ ନାଶା ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସେହିଭଳି ମେଡିସିନ, ଶିଶୁ, ସର୍ଜରୀ ବିଭାଗର ଏସି ଗୁଡିକ ଖରାପ ହୋଇଥିଲେ ମଧ ଏହାକୁ ମରାମତି କରାଯାଉ ନାହିଁ । ଏଣୁ ରୋଗୀ ହଟହଟା ହୋଇ ଆସୁଛନ୍ତି । ପୁଣି ଅଲଟ୍ରାସାଉଣ୍ଡ ପରିକ୍ଷଣ ସପ୍ତାହକୁ ୨ ଦିନ ବଦଳରେ ସବୁ ଦିନ କରାଯିବାକୁ ଦାବି ହୋଇଛି। ପୁଣି ରୋଗୀ ପଞ୍ଜୀକରଣ ନିମନ୍ତେ ଆଉ ଦୁଇଟି ଉଇଣ୍ଡୋ ଖୋଲିବାର ଦାବି କରାଯାଇଛି। ସିଟି ସ୍କାନ କରିବାର ମଧ ଦାବି ରହିଛି ।

### ବହିଷ୍କାର ପରେ ମୃତ୍ୟୁ

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ପରିସରରେ ପିପିପି ମୋଡରେ ସହାୟ ଡାଏଲେସିସି ସେଣ୍ଟରରେ ବିଭିନ୍ନ ଅବ୍ୟବସ୍ଥା ନେଇ ଗଣମାଧ୍ୟମକୁ ସୂଚନା ଦେବା ପରେ ଏହାର ମ୍ୟାନେଜର ରାକେଶ ରଞ୍ଜନ ସାହୁଙ୍କୁ ବହିଷ୍କାର କରାଯାଇଥିଲା । ତେବେ ଘଟଣାର ସତ୍ୟାସତ ଜାଣିବା ପାଇଁ ସହାୟ ଡାଇଲେସିସି ସେଣ୍ଟରର ଚଣ୍ଡିଗଡ଼ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲେ ମଧ ହୋଇ ପାରିନାହିଁ । ଅନ୍ୟପକ୍ଷେ ଗତ ୧୪ ତାରିଖରେ ବହିଷ୍କାର ପରେ ରାକେଶ ମାନସିକ ଚାପରେ ରହି ଦୁର୍ଘଟଣାରେ ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଛି । ଏନେଇ ହେମେନ୍ଦ୍ର ସେନା ସମ୍ପାଦକ ଶେଖ ଅବଦୁଲ ଆହାଦ କହିଛନ୍ତି, କାରଣଦର୍ଶାଅ ନୋଟିସ୍ ନ ଦେଇ ଜଣକୁ ବହିଷ୍କାର କରିଦେବା ଠିକ ନୁହେଁ । ଗଣମାଧମରେ ବିବୃତ୍ତି ରଖିଲେ କ'ଣ ବହିଷ୍କାର କରାଯିବ । ବହିଷ୍କୃତ ମ୍ୟାନେଜର ପ୍ରାଣ ହରାଇବାରୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ସେ କହିଛନ୍ତି। ଏନେଇ ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ହେମେନ୍ଦ୍ର ସେନା ଯେଉଁ ଅଭିଯୋଗ କରିଛି ସେ ସଂକ୍ରାନ୍ତରେ ବିଚାର କରାଯିବ। ଯାହା କିଛି ଅସୁବିଧା ଅଛି ତାହା ଆଲୋଚନା ପରେ ପଦକ୍ଷେପ ନିଆଯିବ । ତେବେ ୱାର୍ଡର କବାଟ ଝରକା ବାରମ୍ବାର ଖୋଲା ରହିବାରୁ ଏସି ଗୁଡିକ ଖରାପ ହେଉଛି। ଏସି ମରାମତିରେ କେବଳ ୫୦ ହଜାର ଖର୍ଚ୍ଚ ହୋଇ ସାରିଲାଣି । ପୁଣି ମରାମତି ପାଇଁ କୁହାଯାଇଛି । ଦରକାର ପଡିଲେ ନୂଆ ଏସି ଲଗାଇବାକୁ କୁହାଯାଇଛି ।



## ସଂକ୍ଷେପରେ

### ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ



ବ୍ରହ୍ମବରଦା,୨୭।୫(ଡି.ଏନ.ଏ.):ରସୁଲପୁର ବ୍ଲକ୍ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ମହିମା ଛକ ନିବାସୀ ନାରାୟଣ ସାହୁଙ୍କ ପୁତ୍ର ପରେଶ ସାହୁ (୩୮)ଙ୍କ ଶନିବାର ଅକାଳ ବିୟୋଗ ହୋଇଛି। ସେ ୮ ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ଔଷଧ ବ୍ୟବସାୟୀ। ତତ୍‌ସହିତ ସାମାଜିକ କର୍ମୀ ମଧ୍ୟ। ତାଙ୍କ ଔଷଧ ଦୋକାନକୁ ଗରିବ ରୋଗୀ ଆସିଲେ। ସେ ବିନା ମୂଲ୍ୟରେ ଔଷଧ ପ୍ରଦାନ କରିଥାନ୍ତି। ଯଦି କୌଣସି ରୋଗୀଙ୍କ ରାତିଅଧରେ ଦେହ ଖରାପ ହୁଏ ସେଏ ତାଙ୍କ ଘରକୁ ଯାଇ ବିନା ଦ୍ୱିଧାରେ ସେବା କରିଥାନ୍ତି। ତାଙ୍କ ବିୟୋଗରେ ବ୍ରହ୍ମବରଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ୍ୟ ଭ୍ରମଣ କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବଡ଼ ଭାଇ ପ୍ରକାଶ ସାହୁଙ୍କ ପୁଅ ସ୍ୱରୁପ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରୀ ଭାଜପା ଯୁବନେତା ଉମେଶ ଜେନା, ବ୍ରହ୍ମବରଦା ବିଜେଡି ସଭାପତି ରାକେଶ ଦେଓ, ଯୁବନେତା ପ୍ରଫୁଲ୍ଲ ଗିରି, ହିନ୍ଦ ମଜଦୁର ସଭା ରାଜ୍ୟ ସମ୍ପାଦକ ପ୍ରଦୀପ ଦାସ, ମମତା ସାହୁ, ସଫିଆଲାମ ଖାଁ, ପ୍ରଶାନ୍ତ ରାଉତ ଓ ସନାତନ ମଣ୍ଡଳ ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ସାହୁଙ୍କ ମରଶରୀରରେ ପୁଷ୍ପମାଲ୍ୟାର୍ପଣ ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

### ଖବରଦାତାଙ୍କ ଘରେ କଳାକନା ବୁଲାଇଲେ ଲୁଟେରା

ସିଂହପୁର,୨୭।୫(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅଞ୍ଚଳର ଖବରଦାତା ଗୁଲସନ ନବାୱ ଅଲ୍ଲି ଖାଁଙ୍କ ଘରେ ଶୁକ୍ରବାର ରାତିରେ ଲୁଟେରା କଳାକନା ବୁଲାଇଛନ୍ତି। ଘରର ବାଡ଼ିପଟ କବାଟ ଦେଇ ଲୁଟେରା ଘରେ ପସି ମୋବାଇଲ, ଅନ୍ୟାନ୍ୟ ସାମଗ୍ରୀ ଚୋରି କରିବା ପରେ ଗୁଲସନଙ୍କ ବାପା ଓ ମା'ଙ୍କ ଶୋଇବା ଘରେ ପ୍ରବେଶ କରି ଟଙ୍କା ଏବଂ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏପରି କି ଲୁଟେରା ବୃଦ୍ଧ ଦମ୍ପତିଙ୍କୁ ଆକ୍ରମଣ ମଧ୍ୟ କରିଥିବା ଗୁଲସନଙ୍କ ବାପା ମଗଫୁର ଅଲ୍ଲି ଥାନାରେ ଅଭିଯୋଗ କରିଛନ୍ତି। ଲୁଟେରା ମଗଫୁରଙ୍କ ସ୍ତ୍ରୀଙ୍କ ବେକରୁ ଏକ ସୁନା ଚେନ ସମେତ ଘରେ ଥିବା ଏକ ଲକ୍ଷ ଟଙ୍କା ଲୁଟିନେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଯାଇଛି। ଅଭିଯୋଗ ପାଇ ବିଞ୍ଝାରପୁର ଥାନା ପୋଲିସ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଚଳାଇଛି। ଲୁଟେରାଙ୍କୁ ତୁରନ୍ତ ଗିରଫ କରିବାକୁ ବିଞ୍ଝାରପୁର ସାମ୍ବାଦିକ ସଂଘ ପକ୍ଷରୁ ଦାବି ହୋଇଛି। ଅନ୍ୟପକ୍ଷରେ ବିଞ୍ଝାରପୁରରେ ଦିନକୁ ଦିନ ଏଭଳି ଚୋରି ବୃଦ୍ଧି ପାଉଥିଲେ ମଧ୍ୟ ପୋଲିସ ପକ୍ଷରୁ ବ୍ୟାପକ ପାଟ୍ରୋଲିଂ ବ୍ୟବସ୍ଥା କରାଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଲାଇନ ଡିପାର୍ଟମେଣ୍ଟ ସହଯୋଗ ମିଳୁନି

**ରସୁଲପୁର ବ୍ଲକ୍**

- ବିଳମ୍ବ ହେଉଛି ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା ଖସଡ଼ା ପ୍ରସ୍ତୁତି
- ୨୦୨୩-୨୪ ଆର୍ଥିକ ବର୍ଷର ଅନୁଦାନ ବିନିଯୋଗ ଉପରେ ପ୍ରଶ୍ନବାଚୀ




ରସୁଲପୁର,୨୭।୫(ଡି.ଏନ.ଏ.): ରସୁଲପୁର ବ୍ଲକ୍ ଅଧୀନ ୨୮ ପଞ୍ଚାୟତରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା (ଜିପିଡିପି) ଖସଡ଼ା ପ୍ରସ୍ତୁତ ହୋଇପାରିନାହିଁ। ପଞ୍ଚାୟତ ପକ୍ଷରୁ ବାର୍ଷିକ ଜିପିଡିପି ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ଏ ଦିଗରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁପାଳନ, ମହିଳା ସଶକ୍ତୀକରଣ, ମହିଳା ଓ ଶିଶୁ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଜଳ ସମ୍ପଦ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଭଳି ୪୨ ଲାଇନ ଡିପାର୍ଟମେଣ୍ଟ ପକ୍ଷରୁ ସହଯୋଗ ମିଳୁନି। ବିଭାଗଗୁଡ଼ିକ ପକ୍ଷରୁ ପଞ୍ଚାୟତରେ ପକଳ୍ପ କାର୍ଯ୍ୟକାରୀତାକୁ ନେଇ କ'ଣ ଆକ୍ସନପ୍ଲାନ ପ୍ରସ୍ତୁତ ହୋଇଛି ସେ ଦିଗରେ ସବିଶେଷ ବିବରଣୀ ପଞ୍ଚାୟତର ହସ୍ତଗତ ହୋଇପାରିଲେ ଜିପିଡିପି ଖସଡ଼ା ପ୍ରସ୍ତୁତ ସଫଳ ରୂପାୟନ କରାଯାଇ ପାରିବ। ମାତ୍ର ବିଭାଗୀୟ ଅଧିକାରୀଙ୍କ ସହଯୋଗ ମିଳୁ ନ ଥିବାରୁ ପଞ୍ଚାୟତରେ ଜିପିଡିପି ଖସଡ଼ା ପ୍ରସ୍ତୁତରେ ବିଳମ୍ବ ଘଟୁଛି। ଏହାଛଡ଼ା ସରକାରୀ ଅନୁଦାନ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ନିୟମାବଳୀ ଖସଡ଼ା ପ୍ରସ୍ତୁତରେ ସମସ୍ୟା ସୃଷ୍ଟି କରୁଛି ବୋଲି ଅଭିଯୋଗ ହେଉଛି। ପୂର୍ବଭଳି ପଞ୍ଚାୟତ ପ୍ରତିନିଧିମାନେ ମନଇଚ୍ଛା ପ୍ରକଳ୍ପ ଚୟନ କରିବା ସମ୍ଭବ ହେଉନାହିଁ। ଜିପିଡିପି ଖସଡ଼ାରେ ସ୍ଥାନିତ ପ୍ରକଳ୍ପର ସବିଶେଷ ବିବରଣୀ ପ୍ରଦାନ ସହ ପଞ୍ଚାୟତରେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ରହୁଛି। ଏହିଭଳି କେତେକ ନିୟମାବଳୀକୁ ଅନୁପାଳନ ଓ ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ଯୋଗୁ ଜିପିଡିପି ପ୍ରସ୍ତୁତ ସମ୍ଭବପର ହୋଇ ନ ପାରିବା ସହ ୨୦୨୩-୨୪ ଆର୍ଥିକ ବର୍ଷର ସରକାରୀ ଅନୁଦାନକୁ ବିନିଯୋଗ କରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପଞ୍ଚାୟତସ୍ତରରେ ସରକାରୀ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ତୃଣମୂଳସ୍ତରରେ ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯାଉଛି। ଗୋଟିଏ ଆର୍ଥିକ ବର୍ଷରେ ପଞ୍ଚାୟତକୁ ପଞ୍ଚମ ରାଜ୍ୟ କମିଶନ ଓ ୧୫ତମ କେନ୍ଦ୍ରୀୟ କମିଶନ ଅନୁଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଅନ୍ୟ ବିଭାଗୀୟ ଅନୁଦାନ ବିନିଯୋଗ ହେଉଛି। ଉକ୍ତ ଅନୁଦାନ ମଧ୍ୟରୁ ୧୫ତମ କେନ୍ଦ୍ରୀୟ ଅନୁଦାନକୁ ଟାଏଡ ଓ ଅନଟାଏଡରେ ବିଭକ୍ତ କରାଯାଇଛି। ଟାଏଡ୍ ବାବଦକୁ ଉଦ୍ଦିଷ୍ଟ ଅର୍ଥ ସ୍ଥିର ଓ ସ୍ଥାୟୀ ଭାବେ ଖର୍ଚ୍ଚ ହେଉଥିବା ଅର୍ଥକୁ ହିସାବ କରାଯାଇ ଜିପିଡିପିରେ ସ୍ଥାନିତ କରାଯିବ। ଏଥିରେ କୌଣସି ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଅନଟାଏଡ ଅର୍ଥରୁ ଶତକଡ଼ା ୫୦ଭାଗ ଅର୍ଥ ପଞ୍ଚାୟତର ସଂକଳ୍ପ ଥିମ୍ ଉପରେ ଖର୍ଚ୍ଚ କରାଯିବ। ବାକି ୫୦ ଶତକଡ଼ା ଅର୍ଥ ଆବଣ୍ଟନ ସମୟରେ ବିକାଶକୁ ବିଭକ୍ତ କରାଯାଇ ଥିବା ଅନ୍ୟ ୮ ଥିମ୍ (ସଂକଳ୍ପ ଥିମ୍‌କୁ ଛାଡି) ଉପରେ ଖର୍ଚ୍ଚ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯିବ। ଏହି ଯୋଜନାରେ ପଞ୍ଚାୟତିରାଜ ବିଭାଗ ସହ ଅନ୍ୟ ୪୨ ଲାଇନ ଡିପାର୍ଟମେଣ୍ଟର ପ୍ରମୁଖ ଭୂମିକା ରହିବ। ଯୋଜନା ପ୍ରସ୍ତୁତ ସମୟରେ କେଉଁ ପ୍ରକଳ୍ପ କେଉଁ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯିବ, ଏଥିରେ ପଞ୍ଚାୟତ ଅନୁଦାନରୁ କି ପ୍ରକାର ସହଭାଗିତା ରହିବ ସେ ସବୁ ଦିଗରେ ଖସଡ଼ାରେ ଉଲ୍ଲେଖ କରାଯିବ। ଏଭଳି ଭାବରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଆଧାରକରି ଜିପିଡିପି ପ୍ରସ୍ତୁତ କରାଯାଇ ପାରିଲେ ପ୍ରକଳ୍ପ ଖସଡ଼ାକୁ ଅନୁମୋଦିତ ହୋଇପାରିବ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଉଛି।

ଅନୁଦାନ ଆବଣ୍ଟନ ଓ ବିନିଯୋଗକୁ ନେଇ ସ୍ପଷ୍ଟ ସୂଚନା ପ୍ରଦାନ କରା ନ ଗଲେ ପ୍ରସ୍ତୁତ ଖସଡ଼ାକୁ ଅନଲାଇନ ଅନୁମୋଦନ ମିଳିପାରୁନାହିଁ। ପ୍ରକଳ୍ପ ତାଲିକା ପ୍ରସ୍ତୁତରେ ରହିଯାଉଥିବା ତ୍ରୁଟି ବିଚ୍ୟୁତିକୁ ସଂଶୋଧନ କରାଯିବାକୁ ପଡୁଛି। ଏଭଳି ପରିସ୍ଥିତିରେ ବ୍ଲକ ପ୍ରଶାସନ ପକ୍ଷରୁ ଗୋଟିଏ/ଦୁଇଟି ପଞ୍ଚାୟତକୁ ଉଦାହରଣ ଭାବେ ନିଆଯାଇ ଜିପିଡିପି ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି। ପଞ୍ଚାୟତର ବାର୍ଷିକ ଖସଡ଼ାକୁ ତୁରନ୍ତ ପ୍ରସ୍ତୁତକରି ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯିବାକୁ ବ୍ଲକ ପକ୍ଷରୁ ପ୍ରୟାସ ଜାରି ରହିଛି। ତେବେ ଜିପିଡିପି ପ୍ରସ୍ତୁତି କାର୍ଯ୍ୟ କେବେ ସରିବ ତା'କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବ୍ଲକ ଅତିରିକ୍ତ ଉନ୍ନୟନ ଅଧିକାରୀ ଦିବ୍ୟକାନ୍ତି ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଜିପିଡିପି ପ୍ରସ୍ତୁତ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ପର୍ଯ୍ୟାୟ ଅନୁସାରେ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରାଯାଇ ଅନୁମୋଦନ କରାଯିବ। ଏଦିଗରେ ବିଭାଗୀୟ ଅଧିକାରୀଙ୍କୁ ପଞ୍ଚାୟତଗୁଡ଼ିକୁ ସହଯୋଗ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପତ୍ର ଜରିଆରେ ଅବଗତ କରାଯାଇଆସୁଛି। ଏହାସତ୍ତ୍ୱେ ଅଧିକାରୀମାନଙ୍କ ସହଯୋଗ ମିଳୁ ନ ଥିବା ଅଭିଯୋଗ ଆସୁଛି। ପରବର୍ତ୍ତୀ ସ୍ଥିତିରେ ଉପରସ୍ତରରେ ଯାହାକିଛି ପଦକ୍ଷେପ ନିଆଯାଇ ପାରିବ ବୋଲି ସେ ମତ ରଖିଛନ୍ତି।

### ଆଙ୍କୁଲା ଫିଡରରେ ଘନ ଘନ ବିଜୁଳି କାଟ

ଯାଜପୁରଟାଉନ,୨୭।୫(ଡି.ଏନ.ଏ.): ଯାଜପୁର ଇଲେକ୍ଟ୍ରିକାଲ ସବ୍‌ଡିଭିଜନ୍ ଅନ୍ତର୍ଗତ ଆଙ୍କୁଲା ଫିଡର୍‌ରେ ପ୍ରତ୍ୟେକଦିନ ଘନ ଘନ ବିଦ୍ୟୁତ୍‌କାଟ୍ ହେଉଛି। ଏହାକୁ ନେଇ ଜନସାଧାରଣ ଅତିଷ୍ଠ ହୋଇ ପଡ଼ିଲେଣି। ଆଙ୍କୁଲା ଫିଡର ଅଧୀନରେ ଆଙ୍କୁଲା, ମକେଇପୁର, ଗୋପାଳପୁର, କମାଗଡ଼, ଗୁରୁଦାସପୁର, ଚଇନିପୁର, ବିଦ୍ୟାଧରପୁର, କୁଶି, ବାଲିପୋଖରୀ, କୁଞ୍ଜବିହାରୀପୁର, କୋରକରା (ନୂଆକୁଲ), ଗଣେଶ୍ୱରପୁର (ପିରିଜିପୁର, ଲକ୍ଷ୍ମଣପୁର), ଖଇରାବାଦ, କଳିନ୍ଦ୍ରାବାଦ, ଅଡଙ୍ଗ ପୁରୁଷୋତ୍ତମପୁର ଆଦି ଗ୍ରାମ ରହିଛି। ଏହି ଫିଡର୍ ଅଧୀନରେ ଲାଇନ୍ ମରାମତି ପାଇଁ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ତାହା ଠିକ୍ ରୂପେ ହେଉନାହିଁ। ଲାଇନ୍‌ମ୍ୟାନ ଇଚ୍ଛା ମୁତାବକ ଲାଇନ୍ ସଟ୍‌ଡାଉନ୍ କରିଦେଉଛନ୍ତି। ଗତ ୨୩ ତାରିଖରେ ଅଘୋଷିତ ଭାବେ ଅପରାହ୍ନ ୩ଟାରୁ ଲାଇନ୍ କଟାଯାଇ ୨୪ ତାରିଖ ସକାଳ ୯ଟାରେ ଦିଆଗଲା। ପୁନର୍ବାର ୨୪ତାରିଖରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟି ଦିଆଯାଇଥିଲା। ଆଙ୍କୁଲା ଫିଡ୍‌ର ଲାଇନ୍ ସମ୍ବନ୍ଧରେ ଅଧିକ ଧ୍ୟାନ ଦେବାକୁ ଟାଟା ପାୱର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଛି।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରିବ ଭାଜପା

**ଲାଞ୍ଚ ଭିଡିଓ ଭାଇରାଲ ଘଟଣା**




ଖବରଦାତା ସମ୍ମିଳନୀରେ ଭାଜପା ନେତା ସୂଚନା ଦେଉଛନ୍ତି।

ଚଣ୍ଡିଖୋଲ,୨୭।୫(ଡି.ଏନ୍.ଏ.): ବଡ଼ଚଣା ବ୍ଲକ୍ ମିଶନ ଶକ୍ତି ସଭାନେତ୍ରୀ କିଛିନା ମହାପାତ୍ର ଗତ ୨୫ତାରିଖରେ ଇସ୍ତଫା ଦେଇଛନ୍ତି। କିଛି ଦିନ ତଳେ ଏହି ବ୍ଲକ ଅଧୀନରେ ସିଆରପି ନିଯୁକ୍ତିରେ ଲାଞ୍ଚ କାରବାର ହେଉଥିବା ଏବଂ ସଭାନେତ୍ରୀ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ଆଇନଜୀବୀ ଉଦୟନାଥ ସାହୁ ଯାଜପୁର ଜିଲାପାଳଙ୍କୁ ତଥ୍ୟପ୍ରମାଣ ଦେବାପରେ ୨୪ତାରିଖରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକରେ ୩ଜଣିଆ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ହେବାର ପରଦିନ ସଭାନେତ୍ରୀ ବଡ଼ଚଣା-୧ର ସିଡିପିଓ ଭଗବତୀ ଗୁରୁଙ୍କୁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ।

ଶନିବାର ବଡ଼ଚଣା ଭାଜପା ତରଫରୁ ଏକ ଖବରଦାତା ସମ୍ମିଳନୀ ଜରିଆରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହା ନ ହେଲେ ଆଗାମୀ ଦିନରେ ଭାଜପା ପକ୍ଷରୁ ବ୍ଲକ ଘେରାଉ ସହ ଆନ୍ଦୋଳନ କରାଯିବ ବୋଲି ବଡ଼ଚଣା ଭାଜପା ନେତା ଅମର ନାୟକ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦିକା ଦେବଜାନୀ ପ୍ରଧାନ, ସମ୍ପାଦକ ପ୍ରମୋଦ ଜେନା, ଯୁବମୋର୍ଚ୍ଚା ଜିଲା ସମ୍ପାଦକ ପ୍ରୀତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ବ୍ଲକରେ ମିଶନ୍ ଶକ୍ତି ତରଫରୁ ୬୧ ସିଆରପି, ୫ ଏମ୍‌ବିକେ ଓ ୩ ବ୍ୟାଙ୍କ ମିତ୍ର ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିପାଇଁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। କିନ୍ତୁ ଆବେଦନକାରୀଙ୍କ ନିକଟରୁ ୫ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଥିଲା। ବନ୍ତଳା ପଞ୍ଚାୟତ, ବାରିମୂଳ ଗ୍ରାମର ଜଣେ ପ୍ରାର୍ଥୀନୀଙ୍କ ନିକଟରୁ ୭ହଜାର ଟଙ୍କା ନେବା ସମୟର ଭିଡିଓ ଭାଇରାଲ ହୋଇଥିଲା। ଏହା ପୂର୍ବରୁ ଚୟନରେ ଅନିୟମିତତା ହେଉଥିବା ନେଇ ଭାଜପା ତରଫରୁ ବ୍ଲକ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ଭିଡିଓ ଭାଇରାଲ ଘଟଣାର ତଦନ୍ତ କରିବାକୁ ୩ ଅଧିକାରୀ ଆସି ଜିଲାପାଳଙ୍କୁ ରିପୋର୍ଟ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ଭାଜପା ପ୍ରଶ୍ନ ଉଠାଇଛି।

### ଥାନାରେ ଦମ୍ପତିଙ୍କ ଧାରଣା

ତିହିଡ଼ି,୨୭।୫(ଡି.ଏନ.ଏ.) ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାମନବିନ୍ଧା ପଞ୍ଚାୟତ ସାନନଳତେଇ ଗ୍ରାମର ଶ୍ରୀକାନ୍ତ ପାଢ଼ୀ ଏବଂ ତାଙ୍କ ସ୍ତ୍ରୀ ସରସ୍ୱତୀ ଶନିବାର ଥାନା ଆଗରେ ଧାରଣା ଦେଇଛନ୍ତି। ପୋଲିସଠାରୁ ନ୍ୟାୟ ନ ପାଇବାରୁ ଦମ୍ପତି ଏହି ପଦକ୍ଷେପ ନେଇଛନ୍ତି। ଶ୍ରୀକାନ୍ତ ଘରେ ଅନୁପସ୍ଥିତ ଥିବାବେଳେ ଶାଶୁଘର ଲୋକେ ସରସ୍ୱତୀଙ୍କୁ ମାଡ଼ ମାରିଥିବା ନେଇ ସେ ୧୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ମାତ୍ର ପୋଲିସ ସେମାନଙ୍କୁ ଗିରଫ କରୁ ନ ଥିବାରୁ ଦମ୍ପତି ଭୟରେ ଘରେ ନ ରହି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ପୋଲିସଠାରୁ ନ୍ୟାୟ ନ ପାଇବା ଯାଏ ସେମାନେ ଧାରଣାରେ ବସି ରହିବେ ବୋଲି ଚେତାବନୀ ଦେଇଥିଲେ। ସରପଞ୍ଚ ଅମର ଦାସ ଥାନାରେ ପହଞ୍ଚି ଘଟଣାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ପୀରହାଟ ଥାନା ଆଇଆଇସି ଗୟାଧର ବେହେରା କହିଥିଲେ, ଶ୍ରୀକାନ୍ତଙ୍କ ବାପା ଓ ଭାଇଙ୍କୁ ଥାନାକୁ ଡକାଇ ସମାଧାନ ନିମନ୍ତେ ଉଦ୍ୟମ କରିବେ।

### ତାରଜାଲିରେ ଲାଗି କୁଟୁରା ମୃତ

ପାଟଣା,୨୭।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ନର୍ଥ ବିଟ ମାଛଗଡ଼ ବିରଳ ସାହିରେ ତାରଜାଲିରେ ଲାଗି ଏକ କୁଟୁରାର ମୃତ୍ୟୁ ହୋଇଛି। ଶନିବାର ୧୦ଟା ବେଳେ କୁଟୁରା ଗାଁର ମକରଧ୍ୱଜ ମହାନ୍ତଙ୍କ ବଗିଚାରେ ଖାଦ୍ୟ ଅନ୍ୱେଷଣରେ ପଶିଯାଇଥିଲା। ବଗିଚାରେ ଲାଗିଥିବା ତାରଜାଲିରେ ପଶିବାକୁ ଉଦ୍ୟମ କରି ଫସିଯାଇ ମୃତ୍ୟୁ ହୋଇଥିଲା। ବନପାଳ ଭୂପତି ସେଠୀ କର୍ମଚାରୀ ସହ ପହଞ୍ଚିଥିଲେ। ଶବ ବ୍ୟବଚ୍ଛେଦ କରି ସାହାରପଡ଼ା ସେକ୍ସନ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ପୋଖରୀରେ ବୁଡ଼ି ଶିଶୁ ମୃତ

ଉଦଳା,୨୭।୫ (ଡି.ଏନ.ଏ.) ମୟୂରଭଞ୍ଜ ଜିଲା ଉଦଳା ଥାନା ଭୀମତାଳି ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ଶନିବାର ପୋଖରୀରେ ବୁଡ଼ି ସତ୍ୟବ୍ରତ ବାରିକଙ୍କ ୩ ବର୍ଷର ପୁଅଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ଯଜ୍ଞ ଚାଲିଥିବା ବେଳେ ମା' ବାପାଙ୍କ ଅଗୋଚରରେ ଉଦିତ ପୋଖରୀରେ ପଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପୋଖରୀରୁ ଉଦ୍ଧାର କରି ଉଦଳା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଉଦଳା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୨/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବନଜଲତା ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ



ବନଜଲତା ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ଅତିଥି ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ସ୍ମରଣିକା, ପ୍ରତିମୂର୍ତ୍ତି ଉନ୍ମୋଚିତ**

ଯାଜପୁରରୋଡ୍,୨୭।୫(ଡି.ଏନ.ଏ.): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚୋରଦା ଗ୍ରାମର ଧର୍ମପ୍ରାଣା ମହିଳା ବନଜଲତା ଦେବୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ତାଙ୍କ ବାସଭବନରେ ଶ୍ରାଦ୍ଧ କାର୍ଯ୍ୟ, ସାଧୁ ସନ୍ଥ, ବ୍ରାହ୍ମଣ ଓ ପରିବାର ସଦସ୍ୟଙ୍କ ଦ୍ୱାରା ପ୍ରତିମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ତାଙ୍କ ଉଦ୍ଦେଶ୍ୟରେ ସନ୍ଧ୍ୟାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସୁକିନ୍ଦା ଅଞ୍ଚଳର ଶିକ୍ଷାବିତ, କବି ତଥା ସାମାଜିକ କର୍ମୀ କୁଳମଣି ଦଉଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ଅତିଥି ସ୍ମରଣିକା ଉନ୍ମୋଚନ କରିଥିଲେ।

ଶ୍ରୀଗୁରୁ ଆଶ୍ରମର ବାବା ଜ୍ଞାନାନନ୍ଦ ସରସ୍ୱତୀ, ବାବା ଉଦୟନାଥ ପର୍ବତ, ବାବଜୀ ପର୍ଶୁରାମ ଦାସ, କୋରେଇ ବିଧାୟକ ଅଶୋକ କୁମାର ବଳ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ଉପ ନଗରପାଳ ସୁଭାଷ ଚନ୍ଦ୍ର ବଳ, ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ଚୋରଦା ଗ୍ରାମ୍ୟ କମିଟି ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ରବିନାରାୟଣ ପୁହାଣ, ରାଜ୍ୟ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ଜିଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ, ଶିକ୍ଷାବିତ ଦୁଷ୍ମନ୍ତ ନାୟକ, ଖବରଦାତା ଅଭିମନ୍ୟୁ ମିଶ୍ର, ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଶିକ୍ଷାବିତ ପର୍ଶୁରାମ ନାୟକ, ଖବରଦାତା ହର୍ଷବର୍ଦ୍ଧନ ବେହେରା ଓ ପୀତବାସ ଭୂୟାଁଙ୍କ ସମେତ ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ରାଜନେତା ଓ ସାମାଜିକ କର୍ମୀ ଯୋଗଦେଇ ବନଜଲତାଙ୍କ ସ୍ମୃତିଚାରଣ କରିଥିଲେ। ପୁରୀରୁ ଆସିଥିବା ପ୍ରଭାତ କୁମାର ଦାସଙ୍କ ଭକ୍ତି ଶ୍ରଦ୍ଧାଞ୍ଜଳି ଭଜନ ସନ୍ଧ୍ୟା ଦ୍ୱାରା ସୁନ୍ଦର ଭଜନ ପରିବେଷଣ କରାଯାଇଥିଲା। ବନଜଲତାଙ୍କ ବଡ଼ ପୁଅ ଖବରଦାତା ପବିତ୍ର ମହାନ୍ତି, ଭୁବନା ନନ୍ଦ ମହାନ୍ତି, ବିବେକାନନ୍ଦ ମହାନ୍ତି, ଝିଅ ଅର୍ଣ୍ଣପୂର୍ଣ୍ଣା, ମମତା, ଜ୍ୱାଇଁ କାଜଲ ଓ ଅରବିନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜଳଛତ୍ର




ଅତିଥି ଜଳଛତ୍ର ଉଦ୍‌ଘାଟନ କରୁଛନ୍ତି।

ଯାଜପୁର ଟାଉନ, ୨୭।୫(ଡି.ଏନ.ଏ.): ଯାଜପୁରସହର ନରଣପୁରସ୍ଥିତ ବୁଢ଼ୀ ବାସୁଳାଇ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଶନିବାର ଜଳଛତ୍ର ସେବା ପ୍ରଦାନ କରାଯାଇଛି। ଏହି ଜଳଛତ୍ରକୁ ବିଜେଡିର ବରିଷ୍ଠ ନେତା ତଥା ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଉଦଘାଟନ କରିଥିବାବେଳେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ସ୍ଥାନୀୟ କାଉନସିଲର ମାନଗୋବିନ୍ଦ ପତି, ପୂର୍ବତନ କାଉନସିଲର ସ୍ୱଦେଶ କୁମାର ପଟ୍ଟନାୟକ, ମୁକ୍ତିକାନ୍ତ ପଣ୍ଡା, କାମିନୀକାନ୍ତ ପଣ୍ଡା, ସୀତାରାମ ମହାନ୍ତି, ପ୍ରଫୁଲ୍ଲ ପଣ୍ଡା, ମଦନ ଦାସ, ପ୍ରଦ୍ୟୁମ୍ନ ଦାସ, ଉତ୍କଳ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ମଳୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ସଦସ୍ୟାମାନେ ପଥଚାରୀମାନଙ୍କୁ ଥଣ୍ଡା ପାନୀୟ ଜଳ ଓ ଦହିସରବତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସଭାନେତ୍ରୀ ଅନୁରାଧା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ, ସୁଷମା ଦାସ, ଅଞ୍ଜନା ଦାସ, ସରୋଜିନୀ ଦାସ, ମିନତୀବାଳା ଦାସ, ଲକ୍ଷ୍ମୀପ୍ରିୟା ରଣା, ସନ୍ଧ୍ୟାରାଣୀ ଦାସ, ସୁମିତ୍ରା ପଣ୍ଡା, ବାସନ୍ତୀ ପଣ୍ଡା, ମୀନା ପଣ୍ଡା ଓ ସସ୍ମିତା ରଣା ପ୍ରମୁଖ ପରିଚାଳନା କରିଥିଲେ।

### ୨ବଖରା ଜଳିଗଲା

ଖଇରା, ୨୭।୫(ଡି.ଏନ.ଏ) ଖଇରା ବ୍ଲକ ସାରୁଗାଁ ପଞ୍ଚାୟତର କବିରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି କାଞ୍ଚନ ଜେନାଙ୍କ ୨ ବଖରା ଘର ପୋଡି ଛାରଖାର ହୋଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ରୋଷେଇ ଚୁଲିରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

### ରୁଡିଙ୍ଗିଆ ଗ୍ରାମରୁ ଚୋରି

ଖଇରା,(ଡି.ଏନ.ଏ.) ବାଲେଶ୍ୱର ଜିଲା ଖଇରା ଥାନା ନନ୍ଦୁର ପଞ୍ଚାୟତ ରୁଡିଙ୍ଗିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଘଡେଇ ଓ ନେତ୍ରାନନ୍ଦ ଘଡେଇଙ୍କ ଘରୁ ଶୁକ୍ରବାର ଚୋରି ହୋଇଛି। ୫ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ମହିଳାମାନେ ପନ୍ଧିଥିବା ଓ ଆଲମିରାରେ ଥିବା ସୁନାଗହଣା ନେଇ ପଳାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ସେପଟେ ପଳସା-ଡୁଙ୍ଗୁରା ରାସ୍ତାର ପଳସା ଆର୍‌ଏମସି ଗୋଦାମ ନିକଟରେ ରାସ୍ତାରେ ଚେନ ଛିଣ୍ଡି ପଡିରହିଥିବା ନମ୍ବର ବିହୀନ ବାଇକକୁ ପୋଲିସ ଜବତ କରିଥିବା ବେଳେ ସେହି ରାତିରେ ତୋରାଣିପଦା ଛକ ନିକଟରୁ ଅନ୍ୟ ଏକ ବାଇକ ଚୋରି ଚର୍ଚ୍ଚାର ବିଷୟ ହୋଇଛି।

# ନାନା ସମସ୍ୟାରେ ବରୁଆଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର




ବରୁଆଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ଯାଜପୁର ସଦର, ୨୭।୫(ଡି.ଏନ.ଏ.): ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ପଞ୍ଚାୟତର ବରୁଆଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନାନା ସମସ୍ୟା ଲାଗିରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୫ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ମାତ୍ର ଡାକ୍ତର ନ ଥିବାରୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଣେ ଫାର୍ମାସିଷ୍ଟ, ଜଣେ ଆଟେଡାଣ୍ଟ ଓ ଜଣେ ମହିଳା ଝାଡୁଦାରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ବହୁ ପୁରାତନ ହୋଇଥିଲେ ମଧ୍ୟ ଏହା ଉପରେ ବିଭାଗର ନଜର ନ ଥିବାଭଳି ଲାଗୁଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପୁରୁଣା କୋଠା ଘର ମରାମତି ନ ହେବାରୁ ତାହା ଭୂତକୋଠି ପାଲଟିଛି। ସ୍ୱାସ୍ଥ୍ୟକେନ୍ଦ୍ର ସୁଚାରୁ ରୂପେ ଚାଲିବାକୁ ହେଲେ ଡାକ୍ତରଙ୍କ ବ୍ୟତୀତ ୬ କର୍ମଚାରୀ ଆବଶ୍ୟକଥିବା ବେଳେ ମାତ୍ର ୩ ଜଣ ରହିଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଏକ ବର୍ଷ ପୂର୍ବରୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନକ୍ରମେ ୮ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇ ନ ଥିବା ଦେଖାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି ନ ଥିବାରୁ ମାଫିଆ ଏଠାରେ ବାଲି ଷ୍ଟକ୍ କରି ବ୍ୟବସାୟ କରୁଛନ୍ତି। ସନ୍ଧ୍ୟାପରେ ଏହା ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳ ପାଲଟୁଛି। ମଦ ମାଂସର ଆସର ଜମୁଛି। ଏନେଇ ଡାକ୍ତରଖାନା ତରଫରୁ ସଦର ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରଭାବ ପଡୁନାହିଁ। ତେଣୁ ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟାଗୁଡ଼ିକ ପ୍ରତି ଧ୍ୟାନ ଦେଇ ତା'ର ସମାଧାନ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ



ଫୁଲବାଣୀ ଅଫିସ, ୨୭।୫-ଫୁଲବାଣୀ ସଦର ଅବକାରୀ ବିଭାଗ ପକ୍ଷରୁ ଶନିବାର ପଞ୍ଚାବାଲି ସାହି ପୋଲ ଉପରେ ଚଢ଼ାଉ କରାଯାଇ ଏକ ବୋଲେରୋରୁ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ଖଜୁରିପଡା ଥାନା ବଇକୁମ୍ପା ଅଞ୍ଚଳର ହେମନ୍ତ ଦିଗାଲଙ୍କୁ ଗିରଫ କରାଯାଇଛି। ବୋଲୋରୋ (ନଂ ଓଡି ୦୨ ବିପି ୮୮୫୬)ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତ ସୁତ୍ରରୁ ଖବର ମିଳିଥିଲା। ଇନ୍ସପେକ୍ଟର ଶ୍ରୀଦ୍ଧର ହେମ୍ବ୍ରମଙ୍କ ନେତୃତ୍ୱରେ ପୋଲିସ ଟିମ୍ ସାମ୍ନା ପଟୁ ଗାଡିକୁ ଅଟକାଇବା ସହ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ଏ ନେଇ ନଂ. ୧୩/୨୩ରେ ମାମଲା ରୁଜୁ ହୋଇଛନ୍ତି।

### ୧୫ ଚୋରି ମୋବାଇଲ ଜବତ, ଜଣେ ଗିରଫ

ହିଞ୍ଜିଳିକାଟୁ, ୨୭।୫(ଡି.ଏନ.ଏ.)- ହିଞ୍ଜିଳି ପୋଲିସ ଶନିବାର ଜଣେ ବ୍ୟକ୍ତିଙ୍କଠାରୁ ୧୫ଟି ଚୋରି ମୋବାଇଲ ଫୋନ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଆଙ୍କୋରଡ଼ା କବିଚନ୍ଦ୍ର ମାର୍ଗର ମଙ୍ଗୁଲୁ ବେହେରାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଶନିବାର ସକାଳେ ହିଞ୍ଜିଳି ପୋଲିସ ପରିବା ବଜାରରେ ପାଟ୍ରୋଲିଂ କରିବା ସମୟରରେ ମଙ୍ଗୁଲୁ ପୋଲିସ ଗାଡିକୁ ଦେଖି ଦୌଡି ପଳାଇଥିଲେ। ପିଛା କରି ପୋଲିସ ତାଙ୍କୁ ଧରିବା ସହ ଚୋରି ଫୋନ୍ ଜବତ କରିଥିଲା। ଏ ନେଇ ସ୍ଥାନୀୟ ଥାନାରେ ନଂ. ୩୬୫/୨୩ ମାମଲା ରୁଜୁ ହୋଇଛି।

### ପ୍ରଧାନଶିକ୍ଷକଙ୍କ ନାଁରେ ଦୁର୍ନୀତି ଅଭିଯୋଗ

ଫୁଲବାଣୀ ଅଫିସ, ୨୭।୫

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଦଡକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅନିୟମିତତା ହେଉଛି। ଏହି ଦୁର୍ନୀତିରେ ପ୍ରଧାନ ଶିକ୍ଷକ ଲିପ୍ତ ରହିଛନ୍ତି ବୋଲି ଅଭିଯୋଗ ହୋଇଛି। ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ପିଲାଙ୍କ ଷ୍ଟାଇପେଣ୍ଡ ଯାଏ ଆସୁଥିବା ଅର୍ଥକୁ ହରିଲୁଟ କରିଛନ୍ତି। ଏହି ଘଟଣା ନେଇ ଗ୍ରାମବାସୀ ଏବଂ ଅଭିଭାବକମାନେ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟକୁ ପିଲାମାନଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି କରି ଦିଆଯାଉଛି। ରୋଷେଇ ସରାମ କିଣାରେ ଦୁର୍ନୀତି ହୋଇଛି । କିଣା ଯାଇଥିବା ରୋଷେଇ ସରଞ୍ଜାମ ସହ କମ୍ପ୍ୟୁଟର ଆଦି ଚୋରି କରି ନିଆଯାଇଛି । ସେହିପରି ପିଲାମାନଙ୍କ ପାଇଁ ଆସୁଥିବା ଷ୍ଟାଇପେଣ୍ଡ ଅର୍ଥକୁ ପ୍ରଦାନ କରା ଯାଉନାହିଁ । ନିଜ ଇଚ୍ଛାରେ ପିଲାଙ୍କୁ ଟିସି ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟ ପାଇଁ ଆସିଥିବା ଅର୍ଥକୁ ମଧ ହଡପ କରାଯାଇଛି । ଆତ୍ମସାତ ଅର୍ଥ ଆଦାୟ ସହ ପ୍ରଧାନ ଶିକ୍ଷକଙ୍କୁ ତୁରନ୍ତ ବଦଳୀ କରିବାକୁ ସ୍କୁଲ କମିଟି ସଦସ୍ୟ, ଗ୍ରାମ ସଭାପତି ଅଶ୍ୱିନୀ କୁମାର ମଲ୍ଲୀକ, ସ୍ନେହଲତା ମଲ୍ଲିକ, ପ୍ରଶାନ୍ତି କହଁର, ଅଭିମନ୍ୟୁ ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ମୁନୀଙ୍କୁ ପଚାରିବାକୁ ମୋ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ କପୋଳ କଳ୍ପିତ ଏବଂ ଭିତ୍ତିହୀନ ବୋଲି କହିଛନ୍ତି।

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଗୁଣପୁର,୨୭।୫(ଡି.ଏନ.ଏ.)-ରାୟଗଡା ଜିଲା ଗୁଣପର ସହର କୁମ୍ଭାରସାହିସ୍ଥିତ ବଂଶଧାରା ନଦୀକୂଳରୁ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଅଗ୍ନିଶମ ବାହିନୀ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଗୋଟିଏ ଗୋଡ ରହିଛି। ଦୀକୂଳର ଏକ ଆଶାବାଡି ମିଳିଛି । ଏହାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପ୍ରାଥମିକ ତଦନ୍ତରୁ ମୃତ ବ୍ୟକ୍ତି ଜଣଙ୍କ ସହରର ବିଭିନ୍ନ ସ୍ଥାନରେ ଭିକ୍ଷାବୃତ୍ତି କରୁଥିଲେ ବୋଲି ସୂଚନା ମିଳିଛି। ନଦୀରେ ବୁଡିଯାଇ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି।

# ସମସ୍ୟା ଦେଇ ଗତିକରୁଛି ଜିଲା ମୁଖ୍ୟ ଚିକିତ୍ସାଳୟ

- ଡାକ୍ତର ନାହାନ୍ତି, ରୋଗୀସେବା ବ୍ୟାହତ
- ନିରାମୟରେ ମିଳୁନି ଔଷଧ, କାମ କରୁନି ଏସି

ପାରଳାଖେମୁଣ୍ଡି,୨୭।୫ (ଡି.ଏନ୍.ଏ):

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଏବେ ସ୍ଥାଣୁ ପାଲଟିଛି। ରୋଗୀଙ୍କୁ ଠିକ୍ ଭାବେ ସେବା ମିଳୁନି କି ନିରାମୟ କେନ୍ଦ୍ରରେ ଔଷଧ ମିଳୁନି। ଖାଲି ସେତିକି ନୁହେଁ, ଡାକ୍ତରମାନଙ୍କ ଘୋର ଅଭାବ ରହିଛି। ରକ୍ତ ପରୀକ୍ଷାଗାର ଠାରୁ ଆରମ୍ଭ କରି ରୋଗୀ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମୁଖ୍ୟ ଚିକିତ୍ସାଳୟ ଉପରେ ସମଗ୍ର ଜିଲାବାସୀଙ୍କ ସହ ପଡୋଶୀ ଜିଲା ରାୟଗଡାର ଗୁଣୁପୁର ଉପଖଣ୍ଡବାସୀ, ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲାର ବହୁ ଗ୍ରାମବାସୀ ନିର୍ଭର କରିଥାନ୍ତି। ଏକଦା ଏହି ଚିକିତ୍ସାଳୟ ବହୁ ସୁନାମ ଅର୍ଜନ କରିଥିବା ବେଳେ ଗତ କିଛି ବର୍ଷ ହେଲା ଶ୍ରୀହୀନ ହୋଇପଡିଛି। ପରିଚାଳନାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେଉଥିବା ବେଳେ ପ୍ରଶାସନର ତାଗିଦ ସତ୍ତ୍ୱେ ସୁଧୁରିବାର ନାମ ଗନ୍ଧ ଧରୁନାହିଁ। ଖୋଦ ଜିଲାପାଳ ଅଚାନକ ଗସ୍ତ କରି ସମସ୍ୟା ଉପଲବ୍ଧି କରି ସମସ୍ୟାର ସମାଧାନ ପାଇଁ ତାଗିଦ କଲେ ମଧ ମେଡିକାଲ କର୍ତ୍ତୃପକ୍ଷ ବେଖାତିର କରିଚାଲିଛନ୍ତି। ନାନାଦି ସମସ୍ୟା ଘେରରେ ଗତି କରୁଥିବା ବିଷୟ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ହେଲେ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନାହିଁ। ମୁଖ୍ୟତଃ ସ୍ଥାୟୀ ଆନେସ୍ଥେସିଆ ଡାକ୍ତର ନଥିବାରୁ ବିଶେଷ କରି ପ୍ରସୂତୀ ମହିଳାମାନଙ୍କୁ ମେଡିକାଲ ତରଫରୁ ବାହାର ଜିଲା କିମ୍ବା ଅନ୍ୟ ରାଜ୍ୟକୁ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଉଛି। ଯାହାଦ୍ୱାରା ରୋଗୀ ବହୁ ଖର୍ଚ୍ଚାନ୍ତ ହେବା ସହ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୬ ମାସ ହେଲା ଏହି ସମସ୍ୟା ରହିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ । ସେହିପରି ପାନୀୟ ଜଳଠାରୁ ଆରମ୍ଭ କରି ରୋଗୀଙ୍କ ବେଡ ସମସ୍ୟା ଲାଗି ରହିଛି। ରକ୍ତ, ମଳମୁତ୍ର ଆଦି ପରୀକ୍ଷାଗାରରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ରିପୋର୍ଟ ଦେବାରେ ବହୁ ବିଳମ୍ବ ଘଟୁଥିବାର ଅଭିଯୋଗ ହୋଇଛି। ରିପୋର୍ଟ କିମ୍ବା ନମୁନା ପାଇଁ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ପରୀକ୍ଷାଗାର ପରିସରରେ ଅପେକ୍ଷାରତ ରୋଗୀମାନଙ୍କ ପାଇଁ ଫ୍ୟାନ୍ ବ୍ୟବସ୍ଥା ନାହିଁ। ବେଳେ ବେଳେ ମେଡିସିନ ବିଭାଗ ବନ୍ଦ ରହୁଥିବାରୁ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଚିକିତ୍ସା କରୁଥିବାର ଦେଖିବାକୁ ମିଳୁଛି । ଶୀତତାପ ଯନ୍ତ୍ର କାର୍ଯ୍ୟକାରୀ ହେଉନାହିଁ । ଫଳରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଧିକାରୀଙ୍କ ପାଖରେ ବାରମ୍ବାର ଅଭିଯୋଗ ଜଣାଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ସେହି ଏସିଗୁଡିକ କାର୍ଯ୍ୟକାରୀ ହୋଇନାହିଁ । ସମସ୍ୟା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଆନେସ୍ଥେସିଆ ଡାକ୍ତରଙ୍କ ନିଯୁକ୍ତି ଲାଗି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି। ସେହିପରି ଆବଶ୍ୟକ ଡାକ୍ତରଙ୍କୁ ନିଯୁକ୍ତି ଲାଗି ମଧ ଲେଖାଯାଇଛି। ଖରାପ ହୋଇଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ସଜାଡିବା ପାଇଁ ଜିଡି ବିଭାଗକୁ ଚିଠିଲେଖି ଜଣାଇଛୁ, ସେମାନେ ଆସିଲେ ମରାମତି ହେବ।

# ରାଷ୍ଟ୍ର ସେବିକା ସମିତିର ପଥ ସଞ୍ଚାଳନ କାର୍ଯ୍ୟକ୍ରମ



ଦିଗପହଣ୍ଡି,୨୭।୫(ଡି.ଏନ.ଏ)

ରାଷ୍ଟ୍ର ସେବିକା ସମିତି ଉତ୍କଳ ପ୍ରାନ୍ତ ପ୍ରବେଶ ଓ ପ୍ରବୋଧ ବର୍ଗ ଦିଗପହଣ୍ଡି ସରସ୍ୱତୀ ନଗର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଆୟୋଜିତ ହେଉଥିବା ବେଳେ ଝାନସି ରାଣୀ ଲକ୍ଷ୍ମୀବାଈଙ୍କ ସ୍ମୃତି ଦିବସ ଅବସରରେ ଦିଗପହଣ୍ଡି ସହରରେ ଏକ ପଥ ସଞ୍ଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପଥ ସଞ୍ଚାଳନ ନଗର ପରିକ୍ରମା କରି ବଜାର ଗାନ୍ଧୀ ଛକଠାରେ ପହଞ୍ଚିବା ପରେ ସେଠାରେ ଧ୍ୱଜା ସ୍ଥାପନ, ପ୍ରଣାମ, ବନ୍ଦେ ମାତରମ ଗାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବର୍ଗାଧିକାରୀ ସୁତପା ଦେ ଏବଂ ରାଷ୍ଟ୍ର ସେବିକା ସମିତିର ସହ କାର୍ଯ୍ୟବାହୀକା ଚିତ୍ରା ତାଇ ଯୋଶୀ ପରିଚାଳନା କରିଥିବା ବେଳେ ଦିଗପହଣ୍ଡି ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତ କାର୍ଯ୍ୟକର୍ତ୍ତା ଆଚାର୍ଯ୍ୟା ଆଚାର୍ଯ୍ୟ ବୃନ୍ଦ ସହଯୋଗ କରିଥିଲେ।

# ଯାତ୍ରୀଙ୍କୁ ଖୋଜି ଗହଣା ବ୍ୟାଗ ଫେଂରାଇଲେ

ଅଟୋ ଚାଳକଙ୍କ ମହାନତା

ବ୍ରହ୍ମପୁର ଅଫିସ,୨୭।୫:

ଲୋକଙ୍କ ମଧ୍ୟରେ ମାନବିକତା ରହିଛି, ଯାହାର ପ୍ରମାଣ ଦେଖାଇଛନ୍ତି ଜଣେ ଅଟୋ ଚାଳକ। ଜନୈକ ଦମ୍ପତି ଛାଡ଼ି ଯାଇଥିବା ସୁନା ଗହଣା ଭର୍ତ୍ତି ବ୍ୟାଗ୍ ଫେରାଇ ମହାନତା ଦେଖାଇଛନ୍ତି ବ୍ରହ୍ମପୁର ରେଳ ଷ୍ଟେଶନ୍ ଅଟୋ ଷ୍ଟାଣ୍ଡର ଚାଳକ ପି. ସୀମାଦ୍ରି ପାତ୍ର। ଗହଣାର ପ୍ରକୃତ ମାଲିକ ଗୋଶାଣିନୂଆଗାଁ ଓମବିହାରର ଦୀପକ ଆପାର୍ଟମେଣ୍ଟରେ ରହୁଥିବା ଏମ. ଚକାଡୋଲା ସୁବୁଦ୍ଧିଙ୍କୁ ଖୋଜି ତାଙ୍କୁ ହସ୍ତାନ୍ତର କରିଛନ୍ତି। ସୀମାଦ୍ରିଙ୍କ ଏହି ମହାନତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ସୂଚନା ଅନୁସାରେ, ଗତ ୨୫ତାରିଖରେ ଏମ୍ ଚକାଡୋଲା ଓ ତାଙ୍କ ସ୍ତ୍ରୀ ବ୍ରହ୍ମପୁର ରେଳ ଷ୍ଟେସନରେ ଓହ୍ଲାଇଥିଲେ। ସେମାନେ ସୀମାଦ୍ରିଙ୍କ ଅଟୋ ଯୋଗେ ଓମବିହାରର ଦୀପକ ଆପାର୍ଟମେଣ୍ଟକୁ ଯାଇଥିଲେ। ଅଟୋ ଚାଳକ ସୀମାଦ୍ରି ତାଙ୍କୁ ଛାଡ଼ି ସେଠାରୁ ଚାଲି ଆସିଥିଲେ। କିନ୍ତୁ ଅଟୋରେ ତାଙ୍କର ଏକ ବ୍ୟାଗ୍ ରହି ଯାଇଥିଲା। ବ୍ୟାଗରେ ସୁନା ହାର, ଚେନ୍, ମୁଦି ଓ ଟଙ୍କା ଥିବା ଦେଖିବାକୁ ପାଇଥିଲେ। ସେହି ଅଟୋରେ ମଧ ଅନ୍ୟ କେତେକ ଯାତ୍ରୀଙ୍କୁ ନେବାଆଣିବା କରିଥିଲେ। ତେଣୁ ବ୍ୟାଗଟି କାହାର ତାକୁ ନେଇ ଦ୍ୱନ୍ଦ୍ୱରେ ରହିଥିଲେ ସୀମାଦ୍ରି। ସେ ତାଙ୍କର ଅନ୍ୟ ୩ଜଣ ଅଟୋ ଚାକଳ ବନ୍ଧୁ ସୁନୀଲ ଦାସ, ଗୋପାଳ ନାୟକ ଓ ଅକ୍ଷୟ ମହାନ୍ତିଙ୍କ ସହାୟତାରେ ଗହଣାର ପ୍ରକୃତ ମାଲିକଙ୍କୁ ଖୋଜି ପ୍ରକୃତ ମାଲିକ ଏମ. ଚକାଡୋଲାଙ୍କୁ ବ୍ୟାଗ୍ ହସ୍ତାନ୍ତର କରିଥିଲେ।



ମାଲିକଙ୍କୁ ହସ୍ତାନ୍ତର ହୋଇଥିବା ସୁନା ଅଳଙ୍କାର

### ଦକ୍ଷତା ବିକାଶ ପ୍ରଶିକ୍ଷଣ କର୍ମଶାଳା

ଗୋପାଳପୁର,୨୭।୫(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡାଠାରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ କୃଷକମାନେ ସାମିଲ ହୋଇଥିଲେ। ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଐଶ୍ୱର୍ଯ୍ୟା ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଅତିଥି ରୂପେ ବିଡିଓ ପ୍ରସନ୍ନ କୁମାର ଦାସ, ସହକାରୀ କୃଷି ଅଧିକାରୀ ପ୍ରଣତି ପଣ୍ଡା, ବ୍ଲକ ଅଧକ୍ଷଙ୍କ ପ୍ରତିନିଧି ସିଏଚ୍ ନରେଶ ପାତ୍ର, ଉଦ୍ୟାନ କୃଷି ବିଭାଗର ସହାକରୀ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା, ଅତିରିକ୍ତ ବିଡିଓ ତିରୁପତି ବାଲାଜୀ ସାମନ୍ତରାୟ, ସହକାରୀ ମତ୍ସ୍ୟ ଅଧିକାରୀ ଦୀପ୍ତିମୟୀ ବେହେରା, ଚିନ୍ମୟୀ କୁମାରୀ ବେହେରା, ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ବହୁ କୃଷକ ଉପସ୍ଥିତ ଥିଲେ।

### ଶ୍ମଶାନରୁ ମହିଳାଙ୍କ ମୃତଦେହ ଜବତ ଘଟଣା

# ପଞ୍ଚନାମା ବେଳେ ବେକରେ କଳାଦାଗ

## ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ବ୍ରହ୍ମପୁର ଅଫିସ,୨୭।୫:

ନିମଖଣ୍ଡି ଥାନା ପୋଲିସ ଶୁକ୍ରବାର ଜଗଦଲପୁର ଗ୍ରାମର ଜି.ସୀମାଞ୍ଚଳ ପାତ୍ରଙ୍କ ସ୍ତ୍ରୀ ଜି.ଲକ୍ଷ୍ମୀ ପାତ୍ରଙ୍କ ମୃତଦେହ ଶ୍ମଶାନରୁ ଜବତ କରିଥିଲା। ଶନିବାର ଏମ୍କେସିଜିରେ ଥିବା ସଂରକ୍ଷଣ ଗୃହ ସମ୍ମୁଖରେ ମହିଳାଙ୍କ ମୃତଦେହ ପଞ୍ଚନାମା କରାଯାଇଥିଲା। ମହିଳାଙ୍କ ବେକରେ କଳା ଦାଗ ରହିଥିବା ଜଣାପଡିଛି, ଯାହାକୁ ନେଇ ଅନେକ ସନ୍ଦେହ ଦେଖାଦେଇଛି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଲକ୍ଷ୍ମୀ ପାତ୍ରଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହ ତାଙ୍କ ସ୍ୱାମୀ ସୀମାଞ୍ଚଳଙ୍କୁ ହସ୍ତାନ୍ତର କରାଯାଇଛି।

ପ୍ରକାଶ ଯେ, ସୀମାଞ୍ଚଳ ପାତ୍ର ଗତ ୧୯ ବର୍ଷ ପୂର୍ବେ ଶ୍ରୀରଙ୍ଗରାଜ ଗ୍ରାମର ରଙ୍କ ପାତ୍ରଙ୍କ ଝିଅ ଲକ୍ଷ୍ମୀ ପାତ୍ରଙ୍କୁ ବିବାହ କରିଥିଲେ। ଶୁକ୍ରବାର ଲକ୍ଷ୍ମୀଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା କହି ସୀମାଞ୍ଚଳ ଗ୍ରାମର କିଛି ବ୍ୟକ୍ତିଙ୍କ ଜରିଆରେ ମୃତଦେହ ଦାହ କରିବାକୁ ଶ୍ମଶାନକୁ ନେଇଥିଲେ। ଅନ୍ୟପଟେ ଲକ୍ଷ୍ମୀଙ୍କୁ ତାଙ୍କ ସ୍ୱାମୀ ପିଟି ପିଟି ହତ୍ୟା କରି ମୃତଦେହ ଦାହ କରିବାକୁ ଶ୍ମଶାନକୁ ନେଇଛନ୍ତି ବୋଲି ଗ୍ରାମର କିଛି ଲୋକ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଜଗଦଳପୁର ଗ୍ରାମର ଶ୍ମଶାନକୁ ଯାଇ ମହିଳାଙ୍କୁ ମୁଖାଗ୍ନି ଦିଆଯିବା ପୂର୍ବରୁ ମୃତଦେହ ଜବତ କରି ମୃତଦେହ ସଂରକ୍ଷଣ ଗୃହରେ ରଖିଥିଲା। ମୃତ ମହିଳାଙ୍କ ଭାଇ ତ୍ରିଲୋଚନ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ନଂ ୧୫/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା।

# ପୁଇଁତୋଳା ଡ୍ରେନେଜ୍ର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ



ଡ୍ରେନେଜର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ।

ଗଞ୍ଜାମ,୨୭।୫(ଡି.ଏନ୍.ଏ.)

ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପୁଇଁତୋଳା ଡ୍ରେନେଜଟି ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ରହିଥିଲା। ଏନ୍ଏସି ପ୍ରଶାସନକୁ ଗ୍ରାମବାସୀ ବାରମ୍ବାର ଅବଗତ କରାଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନଥିଲା। ବର୍ତ୍ତମାନ ଏନ୍ଏସି ଇଓ ଅବିନାଶ ମିଶ୍ରଙ୍କ ନିଜସ୍ୱ ଉଦ୍ୟମରେ ଉକ୍ତ ଡ୍ରେନେଜର ପୁନଃ ଉଦ୍ଧାର କାର୍ଯ୍ୟ ହୋଇଛି। ପ୍ରକାଶଯୋଗ୍ୟ, ବର୍ଷା ଦିନ ହେଲେ ଉକ୍ତ ଡ୍ରେନ୍ରୁ ପାଣି ନିଷ୍କାସନ ହୋଇ ନ ପାରି ଦୀର୍ଘଦିନ ଧରି ଗ୍ରାମରେ ଜଳ ଜମି ରହୁଥିଲା। ଫଳରେ ଉକ୍ତ ସ୍ଥାନରେ ବିଭିନ୍ନ ଆବର୍ଜନାରେ ଭରି ରହିବା ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିଲା। ବର୍ତ୍ତମାନ ସେହି ସମସ୍ୟା ଦୂର ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

### କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

ଧରାକୋଟି,୨୭।୫(ଡି.ଏନ୍.ଏ.)

ଧରାକୋଟ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧରାକୋଟ ଜାନବିଲି ରାସ୍ତା, ଧରାକୋଟ, ଚାଞ୍ଚରାପଲି, ଚରିଛକ, ମାଣିକପୁର ରାସ୍ତାରେ ଗଛ ସବୁ ଉପୁଡ଼ି ପଡ଼ିଥିବାରୁ କିଛି ସମୟ ପାଇଁ ଯାନାହାନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ପ୍ରବଳ ବର୍ଷା ପବନ ସହ ବଜ୍ରପାତ ହେବାରୁ ବେଠୁଆର ଗ୍ରାମର ଜଣେ ମହିଳା ଓ ପଳପଲି ଗ୍ରାମର ପୁରୁଷ ଆହାତ ହୋଇଛନ୍ତି। ସେମାନଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟ ପକ୍ଷରେ ଥାନା ପରିସରରେ ଯାନବାହାନ ରଖିବା ପାଇଁ ଏକ ସେଡ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

# ହତ୍ୟା ଘଟଣା, ୪ ଅଭିଯୁକ୍ତ ଗିରଫ



ବାଲିଗୁଡ଼ା,୨୭।୫(ଡି.ଏନ.ଏ.)

ବାଲିଗୁଡା ଥାନା ବୁଢ଼ାଗୁଡା ଅଞ୍ଚଳରେ ଗତ ମାର୍ଚ୍ଚ ମାସରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାରିଭାଇ ପୂନ ପ୍ରଧାନ, ଚୁଣିଆ, ଦୁଣି ଓ ବିନ୍ଦୁ । ମାର୍ଚ୍ଚ ମାସରେ ବୁଢାଗୁଡ଼ା ଅଞ୍ଚଳରେ କେଦୁ ଯାତ୍ରା (ପୋଢ଼ ଯାତ୍ରା) ଚାଲିଥିଲା। ସେହିଦିନ ସନ୍ଧ୍ୟାରେ ପୋଢ଼ ମାଂସ ଖାଇବାକୁ ଗ୍ରାମର ଚାରିଭାଇ ୫୮ ବର୍ଷୀୟ ପାଉଲ ପ୍ରଧାନଙ୍କୁ ଘରୁ ଡାକି ନେଇ ଯୋଜନା ମୁତାବକ ଗାଁ ସ୍କୁଲ ନିକଟସ୍ଥ ଏକ ପୋଲ ନିକଟରେ ହତ୍ୟା କରି ତଳେ ପକାଇଦେଇ ଚାଲିଯାଇଥିଲେ। ମାର୍ଚ୍ଚ ୧୪ରେ ହତ୍ୟାକାଣ୍ଡ ଘଟିଥିବା ବେଳେ ୧୬ରେ ପୋଲ ନିକଟରେ ମୃତଦେହ ଦେଖିବାକୁ ପାଇଥିଲେ ଗ୍ରାମବାସୀ। ପରେ ପରିବାର ସମେତ ଗ୍ରାମବାସୀ ପାଉଲଙ୍କ ମର ଶରୀରକୁ ସମାଧି ଦେଇଥିଲେ। କିନ୍ତୁ ପାଉଲଙ୍କ ସ୍ତ୍ରୀ ଶ୍ରୀକଳା ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ବାହାରେ ରହୁଥିବା ପୁଅକୁ ଜଣାଇଥିଲେ। ପୁଅ ସଞ୍ଜିରାମ ଏନେଇ ବାଲିଗୁଡ଼ା ଥାନାରେ ଗତ ୨୨ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୩୪/୨୩ରେ ମାମଲା ରୁଜୁ କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତଙ୍କୁ ଧରିବାକୁ ଜୋରଦାର ପ୍ରଚେଷ୍ଟା ଚଳାଇଥିଲା। ଅଭିଯୋଗର ୪ ଦିନରେ ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା।

# ଜିଲା ପରିଷଦ ଅଧକ୍ଷାଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

ବାଲିଗୁଡା,୨୭।୫(ଡି.ଏନ.ଏ.)

କନ୍ଧମାଳ ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ସହ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ଭାବେ ବୈଷୟିକ ଶିକ୍ଷା ପାଇଁ ଖୋଲାଯାଇଥିବା ଆଇଟିଆଇ କଲେଜ ପରିଦର୍ଶନ କରିବା ସହ ଫିଟର ଓ ସିଲେଇ ପ୍ରାକ୍ଟିକାଲ କକ୍ଷ ବୁଲି ପିଲାଙ୍କ ଅଭାବ ଅସୁବିଧା ବୁଝିଥିଲେ। ଏହି ସମୟରେ ଛାତ୍ରାବାସ ନିର୍ମାଣ ପାଇଁ ଛାତ୍ରୀଛାତ୍ର ଦାବି କରିଥିଲେ। ପରେ ଅଧକ୍ଷା ନନ୍ଦିନୀ କୋଟଗଡରେ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ନୂତନ ମିଶନ ଗୃହର ଶୁଭ ଉଦ୍ଘାଟନ କରିଥିଲେ। ଏଥିରେ ଅଧକ୍ଷାଙ୍କ ସମେତ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଏମ୍ପି ପ୍ରତିନିଧି ମନୋଜ ସାବତ, ଏପିଡି. ରାଜେଶ ବେହେରା, କୋଟଗଡ ବିଡ଼ିଓ ଅର୍ଜ୍ଜୁନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଆଇଟିଆଇ କଲେଜ ପରିଦର୍ଶନ କରୁଛନ୍ତି ଜିଲା ପରିଷଦ ଅଧକ୍ଷା।

# ଗଢ଼ିଲା ବିଶ୍ୱ ପରିବେଶ ରଥ

ଫୁଲବାଣୀ ଅଫିସ, ୨୭।୫

ଆର୍ନ୍ତଜାତୀକ ମାଣ୍ଡିଆ ବର୍ଷ ଉପଲକ୍ଷେ ବିଶ୍ୱ ପରିବେଶ ଦିବସ ପାଳନ ଆରମ୍ଭ କରାଯାଇଛି । ଆତ୍ମା ଏବଂ ସ୍ୱାତୀର ମିଳିତ ସହଯୋଗରେ ରାଇକିଆ ବ୍ଲକରେ ଏକ ପରିବେଶ ରଥକୁ ଉଦ୍ଘାଟନ କରାଯାଇଛି । ଏହି ରଥ ଗ୍ରାମରେ ବୁଲି ଜଳ ବାୟୁ ପରିବର୍ତ୍ତନ ପ୍ରଭାବରେ କୃଷି ଓ କୃଷକ ଉପରେ ପଡୁଥିବା ପ୍ରଭାବ, ଲୋକ ମାନଙ୍କୁ ପରିବେଶ ସନ୍ତୁଳନ ପାଇଁ ପରିବେଶ ସଫା ରଖିବା, ଚାରା ରୋପଣ, ମାଣ୍ଡିଆ ଚାଷ, ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଏବଂ ପରିବେଶ ଉପରେ ସଚେତନ କରିବ। ବ୍ଲକ କୃଷି ଅଧିକାରୀ ସଚିନ୍ଦ୍ର କୁମାର ସେଠୀ, ସହ କୃଷି ଅଧିକାରିଣୀ ସୁଦିପ୍ତା ପ୍ରଧାନ, ବ୍ଲକ କର୍ମକର୍ତ୍ତା ଆଶିସ କୁମାର ନାୟକ, ଜି.ପି.ଓ ସଙ୍ଗୀତା ନାୟକ, ସୁକାନ୍ତ ନାୟକ ପ୍ରମୁଖ ରଥକୁ ଉଦ୍ଘାଟନ କରିଥିଲେ। ଗିରିଶ ଚନ୍ଦ୍ର ସାମଲ, ହୃଶିକେଶ ଅମାୟତ, ନିକନ୍ତ ପ୍ରଧାନ, ପ୍ରତିଶି କୁମାର ସାହୁ , ସଞ୍ଜୟ ରଣା, ଦିଲୀପ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

# ଗୋପାଳ ସମାଜର ସାଙ୍ଗଠନିକ ସମାବେଶ

## ୮ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାଙ୍କ ଯୋଗଦାନ, ୨୨ ମାମଲାର ସମାଧାନ

ଦିଗପହଣ୍ଡି,୨୭।୫(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ଗୋପାଳ ସମାଜର ତିନି ତାଲୁକା ପରିଷଦ କାର୍ଯ୍ୟାଳୟ ଠାରେ ଶନିବାର ସାଙ୍ଗଠନିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଭିନ୍ନ ଗ୍ରାମର ୮ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଶୁକ୍ରବାରଠାରୁ ବଡଖେମୁଣ୍ଡି, ସାନଖେମୁଣ୍ଡି ଓ ଟିକିଟି ତାଲୁକାର ମୁଠା କର୍ମକର୍ତ୍ତାଙ୍କ ପରିଚାଳନାରେ ତିନି ତାଲୁକା ଷୋହଳ ଖଣ୍ଡ ଗୋପାଳ ସମାଜର ଷଷ୍ଠ ପଞ୍ଚବାର୍ଷିକୀ ସମ୍ମିଳନୀ ଓ ମହାସଭା କାର୍ଯ୍ୟକ୍ରମ ଶନିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏହି ଅବସରରେ ଗୋପାଳ ସମାଜର ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଓ ସାଙ୍ଗଠନିକ ବିକାଶର ଅଗ୍ରଗତି ନେଇ ସବିଶେଷ ଆଲୋଚନା କରିବା ପରେ ଏନେଇ ମହାସଭାରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସେହିପରି ଦିଗପହଣ୍ଡି ବ୍ଲକରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଗୋପାଳ ସମାଜ ତରଫରୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ବିଶିଷ୍ଟ ଶିଳ୍ପପତି ଚନ୍ଦ୍ରଶେଖର ନାଇଡୁ, ଇଂ.ଉତ୍ତମ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଇଂ.ବାବୁଲି ଚାନ୍ଦ ଗୌଡ଼, ନିଖିଳ ଭାରତ ଯୁବ ଯାଦବ ମହାସଭା ସଭାପତି ପ୍ରଦୀପ କୁମାର ବେହେରା, ଉପଖଣ୍ଡ ସ୍ତରୀୟ ବରିଷ୍ଠ ଚିକିତ୍ସକ ଡଃ . ପ୍ରଫୁଲ୍ଲ ଗୌଡ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଗୌଡ, ଗୋପାଳ ସମାଜ ଜିଲା ସଭାପତି କାଳୀଚରଣ ଗୌଡ, ଉପଦେଷ୍ଟା ପଦ୍ମନାଭ ଗୌଡ, ସମ୍ପାଦକ ପ୍ରେମାନନ୍ଦ ଗୌଡ, ମହୁରୀ କାଲୁଆ ମୁଠା ସଭାପତି ବାବୁଲା ଗୌଡ଼, ଜିଲା ସମୀକ୍ଷକ ସରୋଜ ଚନ୍ଦ୍ର ଗୌଡ, ଜିଲା କାର୍ଯ୍ୟକାରିଣୀ ସଭାପତି ପର୍ଶୁରାମ ଗୌଡ, ଘୁମୁସର ତାଲୁକା ସଭାପତି ଶିବଶଙ୍କର ପ୍ରଧାନ, ଜିଲା କୋଷାଧକ୍ଷ ଗଣେଶ ମହାଙ୍କୁଡ, ପୋଲିସ ଅଧିକାରୀ ସନ୍ତୋଷ କୁମାର ଗୌଡଙ୍କୁ ମଧ ମହାସଭା ପକ୍ଷରୁ ସମ୍ମାନିତ କରାଯାଇଥିଲା। ପରିଶେଷରେ ମହାସଭାରେ ସମାଜର ବିଭିନ୍ନ ପରିବାରରେ ରହିଥିବା ବାଦ ବିବାଦ ଗୁଡ଼ିକର ସମାଧାନ କରାଯିବା ସହ ୨୨ ଟି ବିବାଦକୁ ନେଇ ଯେଉଁ ଟଣାଓଟରା ଚାଲିଥିଲା ତାହାର ସ୍ଥାୟୀ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରବିବାର ଉଦ୍ଯାପିତ ହେବ ବୋଲି ମହାସଭା ସଭାପତି ତଥା କଇଠଖଣ୍ଡି ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ଗୌଡ କହିଛନ୍ତି।



ସାଙ୍ଗଠନିକ ସମାବେଶରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ବୃନ୍ଦ।

# ୫ ବର୍ଷ ହେଲା ସରୁନି ପୂର୍ତ୍ତ ରାସ୍ତା ନିର୍ମାଣ

**ଯାଜପୁର ଅଫିସ,୨୭।୫**

**ବନ୍ଧାଲୋଠାରୁ କପାଷ୍ଟିକିରି**

- ଅଧାପନ୍ତରିଆ ଛାଡ଼ି ଠିକାଦାର ଛୁ
- ୪ କୋଟି ଟଙ୍କା ବିନିଯୋଗରେ ଅନିୟମିତତା

ପଡୋଶୀ କେନ୍ଦୁଝର ଓ କଟକ ଜିଲାର ପୂର୍ତ୍ତ (ଆର୍‌ଆଣ୍ଡବି)ବିଭାଗ ଡିଭିଜନ ଅଧୀନରେ ଯାଜପୁର ଜିଲାର ଅନେକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ରହିଛି। କଟକ ଜିଲା ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ଯାଜପୁର ଜିଲାର ବଡଚଣା ଓ ବରୀ ବ୍ଲକର ୧୨ଟି ରାସ୍ତା ରହିଛି। ଏହିସବୁ ରାସ୍ତା ଉପରେ ଜିଲା ପ୍ରଶାସନର ସେତେଟା କର୍ତ୍ତୃତ୍ୱ ରହୁ ନ ଥିବାରୁ ମନମୁଖି ନିର୍ମାଣ ସହ ଅର୍ଥ ହରିଲୁଟ ଯୋଗୁ ଅଧିକାଂଶ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏଥିମଧ୍ୟରୁ ୧୬ ନମ୍ବର ଜାତୀୟ ରାଜପଥର ବନ୍ଧାଲୋଠାରୁ କପାଷ୍ଟିକିରି ରେଳଫାଟକ ପର୍ଯ୍ୟନ୍ତ ୫.୩ କି.ମି. ରାସ୍ତାକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତା ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ଗତ ପ୍ରାୟ ୫ ବର୍ଷ ହେଲା ଏହାର ପ୍ରଶସ୍ତୀକରଣ ପାଇଁ ୪ କୋଟି ୧୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଯନ୍ତ୍ରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଠିକାଦାର ରାସ୍ତା ସମ୍ପୂର୍ଣ୍ଣ ନ କରି ଅନୁଦାନର ସିଂହଭାଗ ଅର୍ଥ ହଡପ କରି ଫେରାର ହୋଇଯାଇଥିବା ଅଭିଯୋଗ ହେଉଛି। ତେଣୁ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରା ନ ଗଲେ ୧୨।୬।୨୦୨୩ରେ ବଡଚଣା ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଯାଜପୁର ଜିଲା ଡୁବୁରୀଠାରୁ ବ୍ରାହ୍ମଣୀପାଳ ଯାଏ ଥିବା ୨୦ କିଲୋମିଟର ରାସ୍ତା ପୂର୍ବରୁ କେନ୍ଦୁଝର ପୂର୍ତ୍ତ ଡିଭିଜନ ଅଧୀନରେ ରହିଥିଲା। ଏହି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଯାଜପୁର ଜିଲାର ପାଣିକୋଇଲି ପୂର୍ତ୍ତ ବିଭାଗ ଡିଭିଜନକୁ ହସ୍ତାନ୍ତର କରିବାକୁ ଦାବି ହୋଇଥିଲା। କିନ୍ତୁ ତାହା ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବାବେଳେ କେନ୍ଦୁଝର ଜିଲାର ଘଟଗାଁ ଡିଭିଜନକୁ ହସ୍ତାନ୍ତର କରାଯାଇଛି। ଘଟଗାଁ ଡିଭିଜନରେ କାର୍ଯ୍ୟରତ ଯନ୍ତ୍ରୀମାନେ ରକ୍ଷଣାବେକ୍ଷଣ ଉପରେ ଆଦୌ ଗୁରୁତ୍ୱ ଦେଉ ନ ଥିବାରୁ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହାବାଦ୍ ରାସ୍ତାର ଡାଇଭର୍ସନଗୁଡ଼ିକ ମରାମତି ଅଭାବରୁ ଭାଙ୍ଗିରୁଜି ଯାତାୟାତ ପାଇଁ ବିପଦ ସୃଷ୍ଟି କରିଛି।



ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

ଏହି କାରଣରୁ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ନଜିର ରହିଛି। ପୂର୍ବରୁ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଏହି ରାସ୍ତାକୁ ପାଣିକୋଇଲି ଡିଭିଜନକୁ ହସ୍ତାନ୍ତର କରିବାକୁ ବିଭାଗୀୟ ସଚିବଙ୍କୁ ଅବଗତ କରିଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି କଟକ ଜିଲା ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ଯାଜପୁର ଜିଲାରେ ଥିବା ବଡଚଣା-ଦର୍ପଣୀ, କୃଷ୍ଣଦାସପୁର-ରତ୍ନଗିରି, ବଡ଼ଚଣା-ବାଲିଚନ୍ଦ୍ରପୁର, ଛତିଆ ଚମ୍ପାପୁର-କଳକଳା, ବୈରୀ-ଚଣ୍ଡିଖୋଲ, ଜନକ-ହଳଧରପୁର, ବାଲିଚନ୍ଦ୍ରପୁର-ଦେକୁଡି, ବନ୍ଧାଳ-ଏଣ୍ଡରପଡ଼ା ଓ ଦର୍ପଣୀ-ସିହା ରାସ୍ତା ଏବଂ ବରୀ ବ୍ଲକ ରତ୍ନଗିରି-କମ୍ପଗଡ ଓ ଦରଘା ବ୍ରାହ୍ମଣୀ ବ୍ରିଜ୍‌ଠାରୁ ହଳଦିବସନ୍ତ ରାସ୍ତା ରହିଛି। ଏହିସବୁ ରାସ୍ତାର ମରାମତି ଓ ନିର୍ମାଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ଠିକାଦାର ରାଜନୀତି ଯୋଗୁ ନିର୍ମାଣ କାର୍ଯ୍ୟର ମାନ ଉପରେ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବନ୍ଧାଲୋ-ଏଣ୍ଡରପଦା ରାସ୍ତା ଉନ୍ନୟନ କମିଟିର ଅଭିଯୋଗ ଅନୁସାରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ବନ୍ଧାଲୋଠାରୁ କପାଷ୍ଟିକିରି ରେଳଫାଟକ ରାସ୍ତା ଉପରେ ଯାଜପୁର ଜିଲାର ୬ ପଞ୍ଚାୟତ ଏବଂ ଢେଙ୍କାନାଳ ଜିଲାର ୪ ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ ନିର୍ଭର କରିଥାନ୍ତି। ୭।୧୨।୨୦୧୮ରେ ଉକ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ବନ୍ଧାଲୋ ଛକରେ ବଡ଼ଚଣା ବିଧାୟକ ଭୂମିପୂଜା କରିଥିଲେ। ଏହାପରେ ଠିକାଦାର ରାସ୍ତାର ଗୋଟିଏ ପାର୍ଶ୍ୱ ପୁରୁଣା ପିଚୁ ଖନନ କରି ଉଭୟ ପାର୍ଶ୍ୱ ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ୩ କି.ମି. ପର୍ଯ୍ୟନ୍ତ ଏଭଳି ଖନନ କରି ୬ ମାସ ମଧ୍ୟରେ କାର୍ଯ୍ୟ ବନ୍ଦ କରିଦେଲେ। ଫଳରେ ଧୀରେ ଧୀରେ ରାସ୍ତା ନଷ୍ଟ ହୋଇ ବଡ଼ବଡ଼ ଖାଲଖମାରେ ପରିଣତ ହୋଇଛି। ଲୋକଙ୍କ ଯାତାୟାତରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ୪ ବର୍ଷ ମଧ୍ୟରେ ଅନେକ ଦୁର୍ଘଟଣା ଓ କ୍ଷୟକ୍ଷତି ହୋଇଛି। କିଛିଦିନ ତଳେ ଡଷ୍ଟ ବିଛାଇ ମରାମତି କରାଯାଇଥିଲେ ହେଁ କିଛି ଲାଭ ହୋଇପାରିନାହିଁ। ଏହି କାର୍ଯ୍ୟରେ ଜାଲ ବିଲ୍ ପ୍ରସ୍ତୁତ କରାଯାଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥ ଆରମ୍ଭରୁ ପୂର୍ତ୍ତ ବିଭାଗର ରାସ୍ତାର ଏପରି ଦୂରବସ୍ଥା ଅନ୍ୟ କୌଣସି ଜାଗାରେ ଦୃଷ୍ଟିଗୋଚର ହୁଏ ନାହିଁ। ଏହି ମର୍ମରେ କମିଟି ପକ୍ଷରୁ ଚାରବାଟିଆ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂକ୍ରାନ୍ତରେ ଚାରବାଟିଆ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରକୁ ଶନିବାର ସନ୍ଧ୍ୟାରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ଟ୍ରକ୍ ପଛରେ ପିଟିହେଲା ଟ୍ରକ୍: ୨ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଦୁଇ ଟ୍ରକ୍।

**ଚଣ୍ଡିଖୋଲ,୨୭।୫(ଡି.ଏନ୍.ଏ.):**

ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥରେ ଚଣ୍ଡିଖୋଲ ଫାଣ୍ଡି ନିକଟ ଓଭର ବ୍ରିଜ୍ ପାଖରେ ଶନିବାର ସକାଳେ ଦୁଇଟି ଟ୍ରକ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ଡ୍ରାଇଭର ଗୁରୁତର ହୋଇଛନ୍ତି। ପୂର୍ବରୁ ଏଠାରେ ଏକ ଲୁହାପଥର ବୋଝେଇ ଟ୍ରକ ଠିଆ ହୋଇଥିବାବେଳେ ଅନ୍ୟ ଏକ ମାଲବୋଝେଇ ଟ୍ରକ ହଠାତ୍ ଆସି ପଛପଟୁ ଧକ୍କା ଦେଇଥିଲା। ଫଳରେ ପଛ ଟ୍ରକରେ ଥିବା ଦୁଇଜଣ ଗୁରୁତର ହୋଇଥିଲେ। ସେମାନେ ହେଲେ ରାଜସ୍ଥାନ ରାଜ୍ୟର ଟ୍ରକ୍ ଡ୍ରାଇଭର ରମ୍‌ଜାନ ଖାଁ ଓ ଆଜାରୁଦ୍ଦିନ୍। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଚଣ୍ଡିଖୋଲ ଫାଣ୍ଡି ପୋଲିସ ଟ୍ରକ୍ ୨ଟିକୁ ଜବତ କରିଛି। ଏଠାରେ ବେଆଇନ ଟ୍ରକ୍ ପାର୍କିଂ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

## ସୂଚନା ଅଧିକାର କର୍ମୀଙ୍କୁ ଅପହରଣ

**ପ୍ରୀତିପୁର,୨୭।୫(ଡି.ଏନ୍.ଏ.):**

- ମେଶିନିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମକୁ ବିରୋଧ କରିବା ମହଙ୍ଗା ପଡ଼ିଲା
- ମାଟି ବୁହାଇଲେ, ବିଲ୍ ନ ହେଲେ ସବୁ ଟଙ୍କା ଦେବାକୁ ବଣ୍ଡ୍ ସାଇନ କରାଇଲେ

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମିକଙ୍କ ବଦଳରେ ମେଶିନରେ କାମ ଚାଲୁଛି। ଏହାକୁ ସୂଚନା ଅଧିକାରୀ କର୍ମୀ ସୀମାନ୍ତ କୁମାର ପାତ୍ର ବିରୋଧ କରିବାରୁ ତାଙ୍କୁ ଅପହରଣ କରାଯିବା ସହ ଆକ୍ରମଣ କରାଯାଇଛି। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶୁକ୍ରବାର ଫତେପୁର ପଞ୍ଚାୟତ ନାଉପାଳ ଗ୍ରାମରେ ଫତେପୁର ଗୋଣ୍ଡା ପୋଖରୀ କାମ ଶ୍ରମିକଙ୍କ ବଦଳରେ ଜେସିବି ସାହାଯ୍ୟରେ କରାଯାଉଥିଲା। ଏକଥା ଜାଣିବା ପରେ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅମୂଲ୍ୟ କୁମାର ତ୍ରିପାଠୀ ଓ ଜିଆର୍‌ଏସ୍‌ଙ୍କ



ସୂଚନା ଅଧିକାରୀ କର୍ମୀ ସୀମାନ୍ତ କୁମାର ପାତ୍ର

ନିକଟରେ ସୂଚନା ଅଧିକାର କର୍ମୀ ପାତ୍ର ଅଭିଯୋଗ କରିଥିଲେ। ତେଣୁ ଶନିବାର ସକାଳ ପ୍ରାୟ ୬ଟାରେ ନାଉପାଳ ଗ୍ରାମର ୪୦ରୁ ୫୦ ବ୍ୟକ୍ତି ସୁଶାନ୍ତ ସେଠୀ, ଅଜୟ ସେଠୀ, ତ୍ରିଲୋଚନ ମଲ୍ଲିକ ଓ ମୁଣିଆ ସେଠୀଙ୍କ ନେତୃତ୍ୱରେ ପାତ୍ରଙ୍କ ଘରେ ପସି ତାଙ୍କ ସ୍ତ୍ରୀଙ୍କୁ ଧକ୍କା ମାରିବା ସହିତ ଜୋର ଜବରଦସ୍ତ ତାଙ୍କୁ ଅପହରଣ କରି ନାଉପାଳ ଗ୍ରାମର ପୋଖରୀ କାର୍ଯ୍ୟସ୍ଥଳକୁ ନେଇ ଉଲଗ୍ନକରି ମାଡ ମାରିବା ସହିତ ଜୋର ଜବରଦସ୍ତ ମାଟି ମୁଣ୍ଡାଇ କାମ କରିବାକୁ ବାଧ କରିଥିଲେ। ଏଥିସହିତ କାର୍ଯ୍ୟର ବିଲ୍ ନ ହେଲେ ସେ ଉକ୍ତ କାର୍ଯ୍ୟର ସମସ୍ତ ଅର୍ଥ ପଇଠ କରିବେ ବୋଲି ତାଙ୍କୁ ମାଡ଼ମାରି ଏକ ବଣ୍ଡ ପେପରରେ ଦସ୍ତଖତ କରାଇ ନେଇଥିଲେ। ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ବିଞ୍ଝାରପୁର ପୋଲିସ ପହଞ୍ଚି ପାତ୍ରଙ୍କୁ ଉଦ୍ଧାର କରିଥିଲା। ଏନେଇ ପାତ୍ର ଥାନାରେ ଏତଲା ଦେବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସେ ପୋଲିସକୁ ସୁରକ୍ଷା ମାଗିଛନ୍ତି। ଏହି ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

## ଗୋରୁ ବୋଝେଇ ଟ୍ରକ୍ ଜବତ, ୧୫ ଗୋରୁ ଉଦ୍ଧାର

**ପାଟଣା,୨୭।୫(ସ୍ୱ.ପ୍ର.):**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଦେଇଯାଇଥିବା ୪୯ ନଂ. ଜାତୀୟ ରାଜପଥର ଝାରବେଡ଼ା ନିକଟରୁ ଶନିବାର ଏକ ଗୋରୁ ବୋଝେଇ ଟ୍ରକ୍‌କୁ ତୁରୁମୁଙ୍ଗା ପୋଲିସ ଜବତ କରିଛି। ଟ୍ରକ୍ ଭିତରେ ଦୟନୀୟ ଅବସ୍ଥାରେ ବନ୍ଧା ଯାଇଥିବା ୧୫ ଗୋରୁ ଉଦ୍ଧାର କରାଯାଇଛି। ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଗୋରୁ ବୋଝେଇ ଟ୍ରକ୍‌କୁ ପିଛା କରି ଝାରବେଡ଼ା ନିକଟରେ ଧରିବାକୁ ସଫଳ ହୋଇଥିଲା। ଚଢ଼ାଉ ବେଳେ ଘଟଣା ସ୍ଥଳରୁ ୨ ଗୋଚାଲାଣକାରୀ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ମୟୂରଭଞ୍ଜ ଜିଲା କରଞ୍ଜିଆ ଗୋଶାଳାରେ ଉଦ୍ଧାର ଗୋରୁ ରଖାଯାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି।

## ଦୁର୍ଘଟଣାରେ ଯୁବ ବିଜେଡି ନେତା ଗୁରୁତର

**ଧର୍ମଶାଳା,୨୭।୫(ଡି.ଏନ.ଏ.):**

୧୬ ନମ୍ବର ଜାତୀୟ ରାଜପଥ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି। ସପ୍ତାହକ ମଧ୍ୟରେ ସଡ଼କ ଦୁର୍ଘଟଣାରେ ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ନେଉଳପୁରଠାରୁ ଜାରକା ମଧ୍ୟରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ଜଣ ଆହତ ହୋଇଛନ୍ତି। ଶନିବାର ମଧ୍ୟାହ୍ନରେ ସାରୋଇ ପେଟ୍ରୋଲ ପମ୍ପ ନିକଟରେ ଆଉ ଏକ ଦୁର୍ଘଟଣାର ଧର୍ମଶାଳାର ବିଜେଡି ଯୁବନେତା ବିଶ୍ୱରଞ୍ଜନ ମହାନ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ହାତ ଭାଙ୍ଗିଯିବା ସହ ଛାତି ପଞ୍ଜରାରେ ଆଘାତ ଲାଗିଛି। ମହାନ୍ତି ଅପରାହ୍ଣ ୨ଟାରେ ଚଣ୍ଡିଖୋଲରୁ କାମ ସାରି ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ଖବର ପାଇ ତାଙ୍କର ବନ୍ଧୁ ସାଥୀ ଓ ଶୁଭେଚ୍ଛୁ କଟକସ୍ଥିତ ମେଡିକାଲରେ ପହଞ୍ଚି ତାଙ୍କ ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ମଧୁବାବୁ ମେଧା ପ୍ରତିଭା ସମ୍ମାନ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ର।

**ଯାଜପୁର ରୋଡ,୨୭।୫(ଡି.ଏନ.ଏ.):**

**କୃତୀ ମାଟ୍ରିକ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ**

ବ୍ୟାସନଗରସ୍ଥିତ ସନ୍ତରା ସଂସ୍କୃତି ଭବନ ପରିସରରେ ମଧୁଓଡ଼ିଆ ସେନା ଓ ପୂଜ୍ୟପୂଜା ପ୍ରତିଭା ପରିଷଦ ମିଳିତ ଆନୁକୁଲ୍ୟରେ ମଧୁବାବୁ ମେଧା ପ୍ରତିଭା ସମ୍ମାନ-୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠାନର ରାଜ୍ୟ ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ସଂଘ ସଭାପତି ଧରଣୀଧର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମୁଖ୍ୟଶାସନ ସଚିବ ଡ. ସହଦେବ ସାହୁ, ମୁଖ୍ୟବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାସ, ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶଲ୍ୟ ବିଶେଷଜ୍ଞ ଡାକ୍ତର ସତ୍ୟ ପ୍ରକାଶ ଧଳ ଓ ବ୍ୟାସନଗର ପୌର ପରିଷଦର ପ୍ରାକ୍ତନ ଅଧ୍ୟକ୍ଷା ବନ୍ଦିତା ପରିଡା ପ୍ରମୁଖ ଯୋଗ ଦେଇଥିଲେ। ମଧୁଓଡ଼ିଆ ସେନାର ଯାଜପୁର ଜିଲା ସଭାପତି ପ୍ରସନ୍ନ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ପୂଜ୍ୟପୂଜା ପରିଷଦର ଯାଜପୁର ଜିଲା ସଭାପତି ଭୁବନ ମୋହନ ମହାନ୍ତି କୃତୀ ପ୍ରତିଭାଙ୍କ ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା କରିଥିଲେ।

ସର୍ବଶ୍ରୀ ଅନିଲ ଜେନା, ସୁକାନ୍ତ ମହାନ୍ତି, ସୁଶାନ୍ତ ମହାନ୍ତି, ପ୍ରଶାନ୍ତ ସାହୁ, ରଞ୍ଜିତ ନାୟକ, ଶ୍ରୀତମ ପଟ୍ଟନାୟକ, ଗୋପୀନାଥ ପଲେଇ, ଅନିଲ ମହାନ୍ତି, ଆକାଶ ଭୂୟାଁ ଓ ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ମଧୁ ଓଡିଆସେନାର ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଥମେ ଅନୁଷ୍ଠାନ ପକ୍ଷରୁ ରାଜ୍ୟରେ ମାଟ୍ରିକ ପରୀକ୍ଷାରେ ପ୍ରଥମ ହୋଇଥିବା ବରୀ ବ୍ଲକ ଅଧୀନ ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରେୟାଶ୍ରୀ ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଦତ୍ତ ମାନପତ୍ର, ଟ୍ରଫି ଏବଂ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ ଜେନାଙ୍କ ମାର୍ଗଦର୍ଶନରେ ଚଳିତ ବର୍ଷ ବିଦ୍ୟାଳୟରୁ ୪୭ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଜିଲାର ଏ-୧ ଗ୍ରେଡ୍ ପାଇଥିବା କୋରେଇ ବ୍ଲକ, ବ୍ୟାସନଗର ପୌରପରିଷଦ, ରସୁଲପୁର ବ୍ଲକ, ଦାନଗଦୀ ବ୍ଲକ ଓ ସୁକିନ୍ଦା ବ୍ଲକର ମୋଟ୍ ୧୨୧ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଶ୍ରୀନିବାସ



@ ଅଜୟ



@ ରିକୁ



@ ସୌରଭ



@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୨ ପରିବାରରେ ମାରପିଟ, ୧୦ ଆହତ

**ଧର୍ମଶାଳା,୨୭।୫(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦମପାଳ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ମାରପିଟ ହୋଇଛି। ଏଥିରେ ଉଭୟ ପରିବାରର ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଗ୍ରାମର ଇନ୍ଦ୍ରମଣି ସାହୁ ଓ ମନ୍ଦରଧର ସାହୁଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ଆହତମାନେ ହେଲେ ମନ୍ଦରଧର ସାହୁ(୬୨), ଶାନ୍ତିଲତା ସାହୁ(୫୪), ମାନିନୀ ସାହୁ(୩୪), ମନିଲତା ସାହୁ(୨୫), ମନ୍ଦାକିନୀ ସାହୁ (୧୯), ମାନସୀ ସାହୁ(୩୧), ମଲ୍ଲି ସାହୁ(୨୨) ଓ ମାନସ ରଞ୍ଜନ ସାହୁ (୩୪) ପ୍ରମୁଖ। ଧର୍ମଶାଳା ଡାକ୍ତରଖାନାରେ ଏମାନଙ୍କର ପ୍ରାଥମିକ ଚିକିତ୍ସା ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଉଭୟ ପରିବାର ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୨୦ କୋଟି ଟଙ୍କା ବ୍ୟୟରେ ଦୁର୍ନୀତି

- ଟାଏଡ ଫଣ୍ଡ ଖର୍ଚ୍ଚରେ ଅନିୟମିତତା ଅଭିଯୋଗ
- ହିସାବ ଦେଇପାରୁନି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନ
- ଜିଲ୍ଲା ପରିଷଦ ବୈଠକରେ ଉଦ୍‌ବେଗ, ଅସନ୍ତୋଷ
- ପାନୀୟ ଜଳ ପ୍ରକଳ୍ପ ସଂଖ୍ୟା ଜିଲ୍ଲାରେ ୪୯୩

**ନୟାଗଡ଼ ଅଫିସ,୨୭।୫**

ପାନୀୟ ଜଳ ପ୍ରକଳ୍ପ ମରାମତି ନାଁରେ ଟାଏଡ ଫଣ୍ଡରେ ଖର୍ଚ୍ଚ ହୋଇଥିବା ୨୦ କୋଟି ଟଙ୍କାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ନୟାଗଡ଼ ଜିଲ୍ଲା ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନ (ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ) ପକ୍ଷରୁ ଜିଲ୍ଲା ପରିଷଦ ବୈଠକରେ ଏନେଇ ତଥ୍ୟ ଦେବାରେ ସମୟ ଗଡାଇ ଚାଲିଥିବାରୁ ଅନୁଦାନ ଖର୍ଚ୍ଚରେ ସନ୍ଦେହ ସୃଷ୍ଟି ହୋଇଛି । ଏନେଇ ପୁଣି ଗତ ୨୬ରେ ଜିଲ୍ଲା ପରିଷଦ ବୈଠକରେ ଉଦ୍‌ବେଗ ଓ କ୍ଷୋଭ ପ୍ରକାଶ ପାଇଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଉଠିଛି ।



ଅଚଳ ହୋଇ ପଡିଥିବା ପାନୀୟ ଜଳ ପ୍ରକଳ୍ପ ।

ଟାଏଡ ଫଣ୍ଡରେ ଜିଲ୍ଲା ପରିଷଦ ପାଣ୍ଠି ଓ ସମିତି ପାଣ୍ଠି ଅନୁଦାନ ରହିଛି । ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ପ୍ରାୟ ୨୦ କୋଟି ଟଙ୍କା ଜିଲ୍ଲାରେ ଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ମରାମତିରେ ଖର୍ଚ୍ଚ ହୋଇଛି । ଜିଲ୍ଲାରେ ୪୯୩ ପାନୀୟ ଜଳ ପ୍ରକଳ୍ପ ରହିଥିବାରୁ ଏଥିରେ ଏହି ଟଙ୍କା ମରାମତିରେ ଖର୍ଚ୍ଚ ହୋଇଥିବା କୁହାଯାଉଛି। ଏନେଇ ନୟାଗଡ଼ର ସିଦ୍ଧେଶ୍ୱର ସାହୁ, ଗଣିଆର ସରସ୍ୱତୀ ଦେଇ, ରଣପୁରର ସଦାଶିବ ସ୍ୱାଇଁ କୁହନ୍ତି, ଅଚଳ ହେଉ ବା ସଚଳ ହେଉ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ପକ୍ଷରୁ ବିଭିନ୍ନ ପାନୀୟ ଜଳ ପ୍ରକଳ୍ପର ମରାମତି ଦର୍ଶାଯାଇ ବହୁ କୋଟି ଟଙ୍କା ହଡପ କରାଯାଇଛି । ଗୋଟିଏ ପ୍ରକଳ୍ପରେ ୨୦ରୁ ୩୦ ହଜାର ଟଙ୍କା ଖର୍ଚ୍ଚ ଦେଖା ଯାଇଛି । ତେବେ ଜିଲ୍ଲାର ସମସ୍ତ ପ୍ରକଳ୍ପକୁ ହିସାବକୁ ନେଲେ ୫ ବର୍ଷରେ ୨୦ କୋଟି ଟଙ୍କାର ଦୁର୍ନୀତିକୁ କେହି ଗୁରୁତ୍ୱ ଦେଉ ନାହାନ୍ତି । ଏହାର ଭିଜିଲାନ୍ସ ତଦନ୍ତ ହେବା ଦରକାର ବୋଲି ସେମାନେ କହିଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥି କୁହନ୍ତି, ପାନୀୟ ଜଳ ପ୍ରକଳ୍ପ ମରାମତି ନାଁରେ ଟାଏଡ ଫଣ୍ଡରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ହିସାବ ମିଳୁନି । ୨୦୧୭ରୁ ୨୦୨୨ ମଧ୍ୟରେ ଏହି ଅନୁଦାନରେ ବାଟମାରଣା ହୋଇଥିବା ଖବର ପାଇଲି। ଏଣୁ ମୁଁ ସେ ସମୟ ଗୃହରେ ଏହାର ହିସାବ ମାଗିଥିଲି । ପୁଣି ୨୦୨୩ ମେ ୨୬ରେ ହୋଇଥିବା ଜିଲ୍ଲା ପରିଷଦ ବୈଠକରେ ପୁଣି ତଥ୍ୟ ମାଗିଲି। ହେଲେ ତଥ୍ୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ଦେଉ ନାହିଁ । ଏଥର ନିଜେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦେବେ ବୋଲି କହିଛନ୍ତି । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ନୟାଗଡ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡର ଅଧୀକ୍ଷଣ ଯନ୍ତ୍ରୀ ସରୋଜ କୁମାର କର କୁହନ୍ତି, ଟାଏଡ ଫଣ୍ଡରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଜଣାନାହିଁ। ତେବେ ଏହାର ହିସାବ ରହିଛି । ଜିଲ୍ଲା ପରିଷଦ ସଭ୍ୟ ମାଗିଥିବା ତଥ୍ୟ ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

**ଅଚଳ ଥିଲେ ବି କୁହାଯାଉଛି ସଚଳ:** ଜିଲ୍ଲାରେ ରହିଛି ୪୯୩ ପାନୀୟ ଜଳ ପ୍ରକଳ୍ପ । ଏଥିରୁ ଭାପୁର ବ୍ଲକରେ ୪୫, ଦଶପଲ୍ଲା ବ୍ଲକରେ ୬୪, ଗଣିଆ ବ୍ଲକରେ ୩୫, ଖଣ୍ଡପଡା ବ୍ଲକରେ ୪୩, ନୟାଗଡ଼ ବ୍ଲକରେ ୭୧, ନୂଆଗାଁ ବ୍ଲକରେ ୭୪, ଓଡ଼ଗାଁ ବ୍ଲକରେ ୯୪, ରଣପୁର ବ୍ଲକରେ ୬୭ ପ୍ରକଳ୍ପ ରହିଛି । ଏଥିରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅଚଳ ରହିଥିବାର ଅଭିଯୋଗ ହେଉଥିବାବେଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ପକ୍ଷରୁ ସବୁ ପ୍ରକଳ୍ପ ସଚଳ ବୋଲି କୁହାଯାଉଛି । ନୂଆଗାଁ ବ୍ଲକର ବାହାଡାଝୋଲା ପ୍ରକଳ୍ପ ହେଉ କି ସିଙ୍ଗାରପଲ୍ଲୀ ପାନୀୟ ଜଳ ପ୍ରକଳ୍ପ ହେଉ ଅଥବା ନୟାଗଡ଼ ବ୍ଲକର କାଳିକାପ୍ରସାଦ ପଞ୍ଚାୟତର ସିପାହି ଅସୁରଢ଼ିପା, ସେହିପରି ଖଣ୍ଡପଡ଼ା ବ୍ଲକର ଗିରିଡିପଲ୍ଲୀ ପ୍ରକଳ୍ପ ହେଉ ଅଧିକାଂଶ ଅଚଳ ହୋଇ ପଡି ରହିଛି । ତେବେ କାଗଜାତରେ ଏହା ସଚଳ ଦର୍ଶାଯାଇଛି । ଜିଲ୍ଲାରେ ସବୁ ପ୍ରକଳ୍ପ ସଚଳ ଥିବାରୁ ଅଚଳ ପ୍ରକଳ୍ପକୁ ଅନୁଧ୍ୟାନ କଲେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି । ଯାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ପ୍ରକୃତି ମିତ୍ର ପୁରସ୍କାର ପାଇଁ ୨ ଅନୁଷ୍ଠାନ ମନୋନୀତ

**ନୟାଗଡ଼ ଅଫିସ,୨୭।୫:** ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ରାଜସୁନାଖଳା ମହୋତ୍ସବ କମିଟି ଓ ନୟାଗଡ଼ ବ୍ଲକର ଅନନ୍ୟା ଫାଉଣ୍ଡେଶନକୁ ପ୍ରକୃତି ମିତ୍ର ପୁରସ୍କାର ୨୦୨୨-୨୩ ପାଇବାକୁ ଯୋଗ୍ୟ ବିବେଚିତ କରାଯାଇଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ସୋସାଇଟି ସମ୍ପାଦକ ଏନେଇ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି । କମିଟିର ଅଧକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ଓ ସମ୍ପାଦକ ଚିତ୍ତ ରଞ୍ଜନ ପ୍ରଧାନଙ୍କ ସୂଚନା ଅନୁଯାୟୀ, କମିଟି ପକ୍ଷରୁ ରକ୍ତଦାନ ଶିବିର, ଚକ୍ଷୁ ଚିକିତ୍ସା ଶିବିର, ଔଷଧୀୟ ବୃକ୍ଷରୋପଣଠାରୁ ଆରମ୍ଭ କରି ପରିବେଶ ସ୍ୱଚ୍ଛତା ଉପରେ କାମ ଚାଲିଛି । ସରକାରଙ୍କ ପ୍ରକୃତି ମିତ୍ର ପୁରସ୍କାର ଆଗକୁ ବଢ଼ାଇବାରେ ସହଯୋଗ କରିବ । ଅନ୍ୟପକ୍ଷେ ଅନନ୍ୟା ଫାଉଣ୍ଡେଶନ ନୟାଗଡ଼ ଜିଲ୍ଲାରେ ସାମାଜିକ କାର୍ଯ୍ୟରେ ଲିପ୍ତ ଥିବାବେଳେ ପରିବେଶ ସ୍ୱଚ୍ଛତା ପାଇଁ କାମ କରି ଆସୁଛି । ଟାଙ୍ଗରା ଭୁଇଁରେ ସବୁଜ ବନାନୀ ସୃଷ୍ଟି କରୁଥିବାବେଳ ପ୍ଲାଷ୍ଟିକ ଫ୍ରି ଅଭିଯାନ କରି ଲୋକପ୍ରିୟ ହୋଇ ପାରିଛି । ସେହିପରି ବିଭିନ୍ନ ପ୍ରାଣୀ ଓ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା, ପଲିଥିନ ବଦଳରେ ଦେବାଦେବୀଙ୍କ ପୀଠକୁ ଟାଙ୍କୁଡିର ବ୍ୟବସ୍ଥା କରାଇ ଅନନ୍ୟା ଫାଉଣ୍ଡେଶନ ସୁନାମ ଅର୍ଜନ କରିଛି ।

### ଘରୁ ୩ ଦେଶୀ ବନ୍ଧୁକ ଜବତ

**ପାରଳାଖେମୁଣ୍ଡି/ଆରଉଦୟଗିରି, ୨୭।୫ (ଡି.ଏନ୍.ଏ):** ଗଜପତି ଜିଲ୍ଲା ମୋହନା ବ୍ଲକ ଅଡ଼ବା ଥାନା ଅନ୍ତର୍ଗତ ବୁଡାନିଲିଡ୍ ଗ୍ରାମରେ ପୋଲିସ ଚଢ଼ାଉ କରି ୩ଟି ଦେଶୀ ବନ୍ଧୁକ ଜବତ କରିଛି। ପ୍ରମୋଦ ମଲିକଙ୍କ ଘରେ ଦେଶୀ ବନ୍ଧୁକ ଥିବା ଖବର ପାଇ ପୋଲିସର ଏକ ଟିମ ଚଢ଼ାଉ କରିଥିଲା। ପ୍ରମୋଦ ଫେରାର ହୋଇଯାଇଥିବା ଜଣାପଡିଛି। ଶିକାର ଉଦ୍ଦେଶ୍ୟରେ ଉକ୍ତ ବନ୍ଧୁକ ଗୁଡିକ ରଖାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ନେଇ ଅଡବା ଥାନାରେ ନଂ ୭୯/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ଅଡବା ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ରନ୍ଧାମଦ ଜବତ, ୪ ଗିରଫ

**ଆସିକା, ୨୭।୫(ଡି.ଏନ୍.ଏ):** ଗାଙ୍ଗପୁର ଥାନା ଅନ୍ତର୍ଗତ ଲଣ୍ଡାଜୁଆଳି ଗ୍ରାମରେ ଶନିବାର ପୋଲିସ ରନ୍ଧାମଦ ଭାଟି ଉପରେ ଚଢାଉ କରିଥିଲା । ୨ଶହ ଲିଟର ରନ୍ଧାମଦ ଜବତ କରିଥିବା ବେଳେ ପ୍ରାୟ ୧ ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ଜଣେ ମହିଳାଙ୍କ ସମେତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଲଣ୍ଡାଜୁଆଳି ଗ୍ରାମର ସୂର୍ଯ୍ୟ ନାୟକ, ମନୋଜ ନାୟକ, ଜେ. ରାଜେଶ୍ୱରୀ ଓ ଏନ. ଶ୍ରୀନିବାସ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଗାଙ୍ଗପୁର ଥାନାରେ ୩୯୧, ୩୯୨, ୩୯୩ ଓ ୩୯୪/୨୩ରେ ୪ଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି । ପୋଲିସ ଏହି ଚଢାଉ ବେଳେ ୫ଟି ଛୋଟ ମଦ ଭାଟି ମଧ ଭାଙ୍ଗିରୁଜି ନଷ୍ଟ କରିଥିବା ଜଣାପଡ଼ିଛି।

# ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟର ସମୀକ୍ଷା



ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସୌନ୍ଦର୍ଯ୍ୟକରଣ ହୋଇଥିବା ପୋଖରୀକୁ ପ୍ରଶାସନିକ ଅଧିକାରୀମାନେ ବୁଲି ଦେଖୁଛନ୍ତି ।

**ଖଣ୍ଡପଡ଼ା,୨୭।୫ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି, ସିଧାମୂଳା, ଗଡିଆସାହି ପଞ୍ଚାୟତ ଅଧୀନ କୁଞ୍ଜବେଲ୍ଲୀ ଗ୍ରାମ୍ୟ ପୋଖରୀ, ବନମାଳୀପୁର, ଶାଳଝରିଆ ପଞ୍ଚାୟତର କଇଁଥପଲ୍ଲୀ, ଜଗନ୍ନାଥପ୍ରସାଦ, ରାଣୀଛେଲ୍ଲି, ଯୋଗିଆପଲ୍ଲୀ, ରାଣୀପଡା, କୋସକା, ମର୍ଦ୍ଦରାଜପୁର ଓ ବଡବାଣପୁର ଆଦି ୧୨ ପଞ୍ଚାୟତରେ ଅମୃତ ସରୋବର ଯୋଜନାରେ ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ରୀୟ ଅନୁଦାନ ଅର୍ଥ ମଞ୍ଜୁର ହୋଇଛି । ଏଥିପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପରିଦର୍ଶନ କରି ତଦାରଖ କରିଛନ୍ତି । ନୟାଗଡ଼ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ନେତୃତ୍ୱରେ ଉକ୍ତ ଟିମ ଖଳିସାହି ଓ ସିଧାମୂଳା ଗ୍ରାମରେ ଚାଲିଥିବା ଅମୃତ ସରୋବର ଯୋଜନାରେ ପୋଖରୀ ସୌନ୍ଦର୍ଯ୍ୟକରଣ କାମ ପ୍ରଥମେ ତଦାରଖ କରିଥିଲେ । ତେବେ ମାତ୍ର ୪ଟି ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଥିବା ବେଳେ ଅନ୍ୟ ପ୍ରକଳ୍ପଗୁଡିକର ଅଗ୍ରଗତି ନେଇ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହ ପରିଦର୍ଶନରେ ଆସିଥିବା ଉକ୍ତ ଟିମ୍ ଆଲୋଚନା କରିଛନ୍ତି । ଖଣ୍ଡପଡା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁନିତା ଜେନା, ମୌସୁମୀ ମିଶ୍ର, ଜୟନ୍ତୀ ମିଶ୍ର ଓ ବରିଷ୍ଠ ସହାୟକ ଦୁଷ୍ମନ୍ତ କୁମାର ସାହୁ ଓ ବ୍ଲକ ପ୍ରଶାସନିକ ଅଧିକାରୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସମସ୍ତ ପଞ୍ଚାୟତକୁ ଗସ୍ତ କରି ଉପରୋକ୍ତ କାର୍ଯ୍ୟ ବୁଲି ଦେଖିଛନ୍ତି ।

# ଜାତୀୟ ଯୋଗ ଅଲିମ୍ପିୟାଡ୍‌କୁ ମନୋନୀତ ହେଲେ ଜଗବନ୍ଧୁ

**ନୂଆଗାଁ,୨୭।୫(ଡି.ଏନ.ଏ.)**



ନୟାଗଡ଼ଜିଲ୍ଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ଚିନ୍ତାମଣୀ ବିଦ୍ୟାପୀଠ ଅଷ୍ଟମ ଶ୍ରେଣୀର ଛାତ୍ର ଜଗବନ୍ଧୁ ସାମନ୍ତରା ଯୋଗ ଅଲିମ୍ପିୟାଡ ପ୍ରତିଯୋଗିତାରେ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି ।

ଭୁବନେଶ୍ୱର ନୟାପଲି ମମତାଜ ଅଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ମାସ ୨୪ ରୁ ୨୬ ପର୍ଯ୍ୟନ୍ତ ତିନିଧରି ଚାଲିଥିବା ୧୪ ବର୍ଷରୁ କମ୍ ବୟସ ବାଳକ ବିଭାଗରେ ସମ୍ପଡା ଚିନ୍ତାମଣୀ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀର ଛାତ୍ର ଜଗବନ୍ଧୁ ସାମନ୍ତରା ଅଂଶ ଗ୍ରହଣ କରିଥିଲେ । ସେଥିରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଅର୍ଜନ କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି । ଜଗବନ୍ଧୁ ଗତ ୪ ବର୍ଷ ଧରି ଚିନ୍ତାମଣୀ ବିଦ୍ୟାପୀଠର ଯୋଗ ଶିକ୍ଷକ ପରମାନନ୍ଦ ପରିଡ଼ାଙ୍କଠାରୁ ଯୋଗ ଶିକ୍ଷା କରି ଆସୁଛନ୍ତି। ଆସନ୍ତା ଜୁନ ୨୧ରୁ ଯୋଗ ଦିବସ ଅବସରରେ ଜୁନ ୧୯ ରୁ ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ଯୋଗ ଅଲମ୍ପିୟାଡରେ ଜଗବନ୍ଧୁ ଭାଗ ନେବେ ।

ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଜଗବନ୍ଧୁ ଦ୍ୱିତୀୟ ସ୍ଥାନ ଅଧିକାର କରି ମୁଖ୍ୟଅତିଥି ତଥା ସ୍ଥାନୀୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କଠାରୁ ଟ୍ରଫି ସହ ପ୍ରମାଣପତ୍ର ଗ୍ରହଣ କରିଛନ୍ତି ।

# ପର୍ଯ୍ୟଟନ କ୍ଷେତ୍ରକୁ 'ମୋ ବସ୍' ଚଳାଚଳ ଉପରେ ଗୁରୁତ୍ୱ

**ଖଣ୍ଡପଡ଼ା, ୨୭।୫ (ସ୍ୱ.ପ୍ର.)**

କଣ୍ଟିଲୋ ଶ୍ରୀ ନୀଳମାଧବ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି । ସେହି ଅର୍ଥରେ ଏବେ ବିଭିନ୍ନ ବିକାଶ କାର୍ଯ୍ୟ ଆଗେଇ ଚାଲିଛି। ଏହିପୀଠକୁ ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ଆସୁଛନ୍ତି । କଣ୍ଟିଲୋଠାରୁ ମାତ୍ର ୧୩ କିଲୋ ମିଟର ଦୂର କଟକ ଓ ନୟାଗଡ଼ ଜିଲ୍ଲା ସୀମାନ୍ତରେ ଅବସ୍ଥିତ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ଅନ୍ୟତମ ପର୍ଯ୍ୟଟନ ସ୍ଥଳକୁ ମଧ୍ଯ ବଣଭୋଜି ଓ ଦର୍ଶନ ପାଇଁ ପର୍ଯ୍ୟଟକମାନେ ଆସୁଛନ୍ତି। ତେବେ ରାଜଧାନୀ ଭୁବନେଶ୍ୱରଠାରୁ ଖୋର୍ଦ୍ଧା, ବାଘମାରୀ, କଳାପଥର, କଣ୍ଟିଲୋ ଓ ସିଧାମୂଳା ଅଞ୍ଚଳକୁ ପର୍ଯ୍ୟଟକମାନଙ୍କ ସୁବିଧା ଦୃଷ୍ଟିରୁ ୪୮ନଂ. ରାଜ୍ୟ ରାଜପଥରେ 'ମୋ ବସ' ସେବା ଚଳାଚଳ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଏହାଛଡା ଉକ୍ତ ବସରେ ଯାତ୍ରୀ ପରିବହନ ସାଙ୍ଗକୁ ବରିଷ୍ଠ ନାଗରିକମାନଙ୍କ ଯାତ୍ରା ପାଇଁ ସୁବିଧା ସହ ଜିଲ୍ଲାର ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ, ଖଣ୍ଡପଡ଼ା ପଠାଣିସାମନ୍ତ ମିଉଜିୟମ, ସୁନାମୁହିଁ ପରିବେଶ ପର୍ଯ୍ୟଟନ ସ୍ଥଳୀ, ନୟାଗଡ଼ର ଦକ୍ଷିଣ କାଳୀ, ଶରଣକୂଳ ଶ୍ରୀଲଡୁବାବା, ଓଡ଼ଗାଁସ୍ଥିତ ଶ୍ରୀରଘୁନାଥଜୀଉଙ୍କ ପୀଠକୁ ମୋ ବସ ଚଳାଚଳ କରାଯାଉ। ସେହପରି ନୟାଗଡ଼ ଜିଲ୍ଲାରେ ଏକ ନୂତନ ପର୍ଯ୍ୟଟନ ସର୍କିଟ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନ ଏବଂ ବିଧାୟକମାନେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।




ସୂଚନାଯୋଗ୍ୟ, ୧୯୮୯ରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ସମୟରେ ପୂର୍ବତନ ଉପବାଚସ୍ପତି ଏବଂ ସଂସ୍କୃତି ମନ୍ତ୍ରୀ ବିଭୁତି ଭୂଷଣ ସିଂହମର୍ଦ୍ଦରାଜଙ୍କ ଉଦ୍ୟମ କ୍ରମେ ଭୁବନେଶ୍ୱରଠାରୁ କଣ୍ଟିଲୋ ନୀଳମାଧବ କ୍ଷେତ୍ରକୁ ଓଡ଼ିଶା ଟୁରିଜିମ ଡେଭଲପମେଣ୍ଟ କର୍ପୋରେଶନ (ଓଟିଡିସି) ପକ୍ଷରୁ ସପ୍ତାହକୁ ୨ ଦିନ ଓଟିଡିସି ବସ ଚଳାଚଳ କରୁଥିଲା । ତେବେ ପରବର୍ତ୍ତୀ ସମୟରେ ଏହାକୁ ବନ୍ଦ କରି ଦିଆଯାଇଥିଲା। ତୁରନ୍ତ ଖଣ୍ଡପଡ଼ା ଅଞ୍ଚଳକୁ ମୋ ବସ ସେବା ପ୍ରଚଳନ କରିବାକୁ ପୂର୍ବତନ ଉପବାଚସ୍ପତି ମର୍ଦ୍ଦରାଜ ଦାବି କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶ୍ରୀନିବାସ


@ ଅଜୟ


@ ରିଙ୍କୁ


@ ସୌରଭ


@ ଆଲୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୨୭।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ରାଜକିଆରୀ ଛକ ନିକଟ ଏକ ପେଟ୍ରୋଲ ପମ୍ପ ଡ଼କାୟତି ଘଟଣା ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥିଲା । ତେବେ ସିସି ଟିଭି ଫୁଟେଜ ଓ ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ଖଣ୍ଡପଡ଼ା ଥାନାଧିକାରୀ ରମେଶ କୁମାର ଦେବତା ସଦଳବଳେ ବିଭିନ୍ନ ସ୍ଥାନରେ ଚଢାଉ କରି ୬ଜଣଙ୍କୁ ଗିରଫ କରିଥିଲେ । ଏହି ଘଟଣା ପରେ କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ନରସିଂହ ଭୋଲ ଖଣ୍ଡପଡା ଥାନାଧିକାରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ଅଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଶନିବାର ଥାନାଧିକାରୀଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

